## ପଥରପଦା ଅଞ୍ଚଳରେ କାଳବୈଶାଖୀ

**ପାଣିକୋଇଲି,(ଡି.ଏନ.ଏ.):**କୋରେଇ ବ୍ଲକ ଅଧୀନ ପଥରପଦା ପଞ୍ଚାୟତର ଓଚିନ୍ଦା ଓ ମୁଲରୀ ଗ୍ରାମରେ ରବିବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ହଠାତ ବର୍ଷା ପବନ ଯୋଗୁ ଗ୍ରାମ୍ୟ ଜଙ୍ଗଲଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଯାଇଛି। ମୁଲରୀ ରାଇସମିଲ ଛକରେ କେତେକ କ୍ୟାବିନ ଉଡିଯାଇଛି। ଆଶୀର୍ବାଦ ରାଇସ ମିଲର ଆଜବେଷ୍ଟ ଉଡିବା ସହ ବ୍ୟାପକ ଗଛ ଓ ସମ୍ପତ୍ତି ନଷ୍ଟ ହୋଇଛି। ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଦ୍ୟୁତ୍ ସେବା ବନ୍ଦ ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

## ସଂକ୍ଷେପରେ

### ବନ୍ଦ ରହିଲା ଦୋକାନ, ବଜାର

**ବରୀ,୨୧୫(ଡି.ଏନ.ଏ.):** ଶନିବାର ଓ ରବିବାର ଶଟ୍‌ଡାଉନ୍ ଯୋଗୁ ବରୀ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ବରୀ ମାଉଣ୍ଡ, ରତ୍ନଗିରି, ବାଲିଆ, କାଇପଡ଼ା ସମେତ ଗ୍ରାମାଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ରାସ୍ତାଘାଟ ଜନଶୂନ୍ୟ ହୋଇ ପଡ଼ିଥିଲା। ବରୀ ତହସିଲଦାର, ବରୀ ବିଡିଓ ଓ ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରି କେତେଜଣ ଅମାନିଆଙ୍କୁ ତାଗିଦ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିଥିଲେ।

### ଜିଲାପାଳଙ୍କ ନାଜିର ଶୈଳଜା ପଣ୍ଡାଙ୍କ ଅକାଳ ବିୟୋଗ

**ଯାଜପୁର ଟାଉନ,୨୧୫(ଡି.ଏନ.ଏ.):** ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ନାଜିର ତଥା ବରିଷ୍ଠ ସହାୟକ ଏବଂ ଜିଲା ସରକାରୀ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଶୈଳଜା ପଣ୍ଡା(୫୪)ଙ୍କ ଅକାଳ ବିୟୋଗ ଘଟିଛି। ସେ ୮ଦିନ ତଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିବାବେଳେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଝିଅ ବିବାହ ଚଳିତ ମାସରେ ହୋଇଥାନ୍ତା। ପଣ୍ଡା ଜଣେ ଜନପ୍ରିୟ ବ୍ୟକ୍ତି ଓ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଥିଲେ। ତାଙ୍କ ବିୟୋଗରେ ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ବିଧାୟିକା ପ୍ରମିଳା ମଲ୍ଲିକ, ସୁନନ୍ଦା ଦାସ, ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ସନ୍ତୋଷ କୁମାର ସେଠୀ, ପ୍ରାକ୍ତନ ପୌରପାଳ ଭବପ୍ରସାଦ ଦାସ ଓ ଜିଲା କିରାଣି ସଂଘ ସଭାପତି ନିଗମାନନ୍ଦ ମାନ୍ଧାତାଙ୍କ ସମେତ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ବାଲିଚନ୍ଦ୍ରପୁର ବଜାର ଶୂନଶାନ

**ବାଲିଚନ୍ଦ୍ରପୁର,୨୧୫(ସ୍ୱ.ପ୍ର.):**ଶନିବାର ଓ ରବିବାର ୨ ଦିନିଆ ଶଟ୍‌ଡାଉନ୍‌ଯୋଗୁ ବାଲିଚନ୍ଦ୍ରପୁର ଥାନା ଅଧୀନ ବାଲିଚନ୍ଦ୍ରପୁର ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସେହିପରି ଅଞ୍ଚଳର ରାସ୍ତାଘାଟ ଶୂନସାନ ହୋଇ ପଡ଼ିଥିଲା। ଥାନା ପକ୍ଷରୁ ଅମାନିଆଙ୍କୁ ତାଗିଦ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା। ତେବେ ଶଟ୍‌ଡାଉନକୁ ଲୋକେ ସମର୍ଥନ କରିଥିବାରୁ ଆଗାମୀ ଦିନରେ ଏପରି ସହଯୋଗ କରିବା ପାଇଁ ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି।

### ଦୁର୍ଘଟଣାରେ ନଳୀପୁର ସମିତିସଭ୍ୟ ଗୁରୁତର

**ବାଲିଚନ୍ଦ୍ରପୁର,୨୧୫(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳାପୁର ପଞ୍ଚାୟତ ସମିତିସଭ୍ୟ ଖଗେଶ୍ୱର ବେହେରା ରବିବାର ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେ ଏକ ଜରୁରୀ କାମରେ ବାଇକ୍ ଯୋଗେ ଚାରିନଙ୍ଗଳ ନୂଆପୋଲ ଦେଇ ଯାଉଥିଲେ। ତେବେ ପୋଲଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ତାଙ୍କ ବାଇକ୍ ସେଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ଖଡ଼ଗପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କର ବହୁ ବନ୍ଧୁ ଓ ଶୁଭେଚ୍ଛୁ ତାଙ୍କୁ ମେଡିକାଲରେ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବାଲି ଟଙ୍କା ୪ ଭାଗ

**ଯାଜପୁର ଅଫିସ,୨୧୫**


ବୈତରଣୀ ନଦୀ ଗର୍ଭରୁ ବାଲି ଉତ୍ତୋଳନ କରାଯାଉଛି।

**ବ୍ୟାସନଗର ତହସିଲ**
- ମିଳିମିଶି ଚାଲିଛି ଲଘୁ ଖଣିଜ ଦ୍ରବ୍ୟ ଲୁଟ୍
- ବୈତରଣୀ ନଦୀବନ୍ଧ ଦୁର୍ବଳ

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀରୁ ବାଲି ଲୁଟ୍ ସୁଚିନ୍ତିତ ଯୋଜନାରେ ଚାଲିଛି। ଯୋଜନା ଅନୁଯାୟୀ ଲୁଟ୍ ବାଲି ବାବଦ ଅର୍ଥକୁ ୪ ଭାଗ କରାଯାଉଛି। ଗୋଟିଏ ଭାଗ ସରକାରଙ୍କ ରାଜସ୍ୱ ଆଦାୟରେ ଦର୍ଶାଯାଉଥିବାବେଳେ ଆଉ ୩ ଭାଗ ଅର୍ଥକୁ ସମ୍ପୃକ୍ତ ସଂସ୍ଥା, ତହସିଲ ଅଧିକାରୀ ଓ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳଙ୍କ ପକେଟକୁ ଯାଉଥିବା ଅଭିଯୋଗ ହେଉଛି। ଜିଲାପାଳ ରାଜସ୍ୱ ଆଦାୟ ହେଉଥିବା ଜାଣି ସମ୍ପୃକ୍ତ ଅଧିକାରୀମାନଙ୍କୁ ସାବାସି ଦେଉଛନ୍ତି। ହେଲେ ବାସ୍ତବରେ ଜିଲାପାଳଙ୍କୁ ଅନ୍ଧାରରେ ରଖି ମାସିକ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେଆଇନ କାରବାର ହେଉଥିବା କୁହାଯାଉଛି। ଏଥିଯୋଗୁ କେବଳ ରାଜସ୍ୱ କ୍ଷତି ନୁହେଁ, ଗାଁ ପରିବେଶ ଦୂଷିତ ହେବା ସହ ନଦୀବନ୍ଧ ଦୁର୍ବଳ ଓ ନଦୀର ପ୍ରାକୃତିକ ସନ୍ତୁଳନ ବ୍ୟାହତ ହେଉଛି।

ବୈତରଣୀ ନଦୀଗର୍ଭରେ ଯାଜପୁର ଜିଲାର ବ୍ୟାସନଗର, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ଏବଂ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ, ତିହିଡ଼ି, ଧାମନଗର ଆଦି ତହସିଲ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ବେଆଇନ ବାଲି ଖାଦାନ ଚାଲିଛି। କେତେକ ଖାଦାନକୁ ଲିଜ୍ ଦିଆଯାଇଥିବାବେଳେ ସେମାନେ ଧାର୍ଯ୍ୟ ପରିମାଣଠାରୁ ଢେର ଗୁଣରେ ଅଧିକ ବାଲି ଉତ୍ତୋଳନ କରୁଛନ୍ତି। ସମ୍ପ୍ରତି ସରକାର ଧାର୍ଯ୍ୟ ଉତ୍ତୋଳନ ପରିମାଣ ଅନୁଯାୟୀ ମେଶିନ ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି। ତେବେ ଏହାର ମଧ୍ୟ ଉଲ୍ଲଂଘନ କରାଯାଇ ଏକାଧିକ ମେଶିନ ବ୍ୟବହାର କରାଯାଉଛି। ଷଠିପୁର ଲିଙ୍ଗେଶ୍ୱର ବାଲିଘାଟରେ ଏଭଳି ଏକାଧିକ ମେଶିନ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏହାବାଦ ନିଶଙ୍ଗପୁର, ନୟାହାଟପାଟଣା, ଗହ୍ଲାରିଆ, ଦୋସିଆମୁହାଁ, କଣ୍ଟାବଣିଆ ସାହାଡ଼ାଶୁଣୀ, ମୁକୁନ୍ଦପୁର, ମଥୁରାପୁର, ମୂଳାପାଳ, ସାଲବା ବାଲିଘାଟରେ ବାଲି ଉତ୍ତୋଳନରେ ବ୍ୟାପକ ଅନିୟମିତତା ହେଉଛି। ଅନ୍ୟପକ୍ଷେ ରଣପୁର, କଣ୍ଟାବଣିଆ, ମୁକୁନ୍ଦପୁର, ମଥୁରାପୁର, ନିସଙ୍ଗପୁର, ମୂଳାପାଳ, ସାଲବା, ଧନତ୍ରୀ, ଗୋବିନ୍ଦପୁର, ବରପଦା ଆଦି ଗ୍ରାମର ନଦୀବନ୍ଧ ଦେଇ ବାଲି ବୋଝେଇ ହାଇୱା ଗାଡି ଚଳାଚଳ କରୁଥିବାରୁ ନଦୀବନ୍ଧ ଦୁର୍ବଳ ହେଉଛି। ଏନେଇ ସମ୍ପୃକ୍ତ ଗ୍ରାମବାସୀ ଏକାଧିକ ଥର ବିଡିଓ, ଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହ ବୈଜ୍ଞାନିକ ପଦ୍ଧତିରେ ନଦୀବାଲିର ପରିମାଣ ଓ ଉତ୍ତୋଳନ ଆକଳନ କରିବେ। ଏଥିସହ ନିର୍ଦ୍ଦିଷ୍ଟ ବାଲିଘାଟ ଚିହ୍ନଟ କରି ୨ ମାସ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରିବା ପରେ ଲିଜ୍ ପ୍ରଦାନ କରାଯିବ ବୋଲି ଯେଉଁ ନିୟମ ରହିଛି ତାହା ମଧ୍ୟ ଏଠାରେ କାର୍ଯ୍ୟକାରୀ ହେଉନାହିଁ। ବୈତରଣୀ ତଟବର୍ତ୍ତୀ ଗ୍ରାମବାସୀଙ୍କୁ ବନ୍ୟାଦାଉରୁ ରକ୍ଷା କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରି ନଦୀବନ୍ଧ ନିର୍ମାଣ କରାଯାଉଛି। କିନ୍ତୁ ଏଠାରେ ବେଆଇନ ବାଲି ବୋଝେଇ ଗାଡ଼ି ଚଳାଚଳ ଯୋଗୁ ତାହା ଦୁର୍ବଳ ହେବା ସହ ଲୋକଙ୍କ ଧନଜୀବନ ଉପରେ ପ୍ରଭାବ ପକାଉଛି। ତେବେ ସରକାରୀସ୍ତରରେ ଯେତେ ଯୋଜନା ଓ ନିଷ୍ପତ୍ତି ଗ୍ରହଣ କରାଯାଉଥିଲେ ହେଁ ବାଲି ଖାଦାନରେ ଉପୁରିଆ ଭାବେ ବିପୁଳ ପରିମାଣର ଲାଭ ମିଳୁଥିବାରୁ ତହସିଲସ୍ତରରେ ତାହାକୁ ପାଳନ କରାଯାଉ ନାହିଁ। ଯାଜପୁର ଜିଲାରେ ରାଜନୈତିକ ଛତ୍ରଛାୟାରେ ବେଆଇନ ଭାବେ ବାଲି ଲୁଟ୍ ସୀମା ଲଂଘିଛି। ଟାସ୍କଫୋର୍ସ କମିଟି, ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ, ବିଧାନସଭାରେ ଆଲୋଚନା ଆଦି କୌଣସି ନିଷ୍ପତ୍ତିକୁ କେହି ମାନୁନାହାନ୍ତି।

ଅନ୍ୟପକ୍ଷେ ବାଲି ଉତ୍ତୋଳନରେ ମେଶିନ ବ୍ୟବହାର ଅନୁମତି ମିଳିବା ଦିନଠାରୁ ଶତାଧିକ ବାଲି ଉତ୍ତୋଳନ କାର୍ଯ୍ୟ କରୁଥିବା ଶ୍ରମିକ ରୋଜଗାର ହରାଇଛନ୍ତି। ଫଳରେ କରୋନା ସମୟରେ ସମ୍ପୃକ୍ତ ଶ୍ରମିକମାନେ କାମ ଅନ୍ୱେଷଣରେ ନୟାନ୍ତ ହେଉଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ ବାଲି ଖାଦାନ ଓ ଅନୁମତିଠାରୁ ଢେର ଗୁଣ ଅଧିକ ଉତ୍ତୋଳନ ଅଭିଯୋଗ ତଦନ୍ତ ସାପେକ୍ଷ। ଆବଶ୍ୟକ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ।

## ବ୍ଲକ ଯୁବ ବିଜେଡି ସଭାପତି ବହିଷ୍କୃତ

**ରସୁଲପୁର,୨୧୫(ଡି.ଏନ.ଏ.)**

**ମହାଙ୍ଗା ପଡ଼ିଲା ଦଳ ବିରୋଧୀ କାର୍ଯ୍ୟ**

ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ତଥା ଅତଲାପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ ଦଳରୁ ବହିଷ୍କୃତ ହୋଇଛନ୍ତି। ଯାଜପୁର ଜିଲା ବିଜେଡି ସଭାପତି ପ୍ରତାପ କୁମାର ମହାନ୍ତି ତାଙ୍କୁ ଦଳରୁ ବହିଷ୍କାର କରିଥିବା ନେଇ ରବିବାର ଚିଠି ଜରିଆରେ ଅବଗତ କରାଇଛନ୍ତି। ସେ କିଛିଦିନ ହେବ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବାରୁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି ବୋଲି ମହାନ୍ତି ଚିଠିରେ ଉଲ୍ଲେଖ କରିଛନ୍ତି। ଫଳରେ ଏହାକୁ ନେଇ ଅଞ୍ଚଳରେ ରାଜନୀତି ସରଗରମ ହୋଇଛି।

ସରପଞ୍ଚ ସାହୁ ନାନା ଜନ ବିରୋଧୀ କାର୍ଯ୍ୟ କରୁଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମୋ ଗୁହାଳ, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜାନାରେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେଉଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଥିଲା। ବରୀ ବିଧାୟିକା ସୁନନ୍ଦା ଦାସ ତାଙ୍କୁ ବ୍ଲକ ଯୁବ ସଭାପତି ଆସନରେ ବସାଇଥିଲେ। ମାତ୍ର କିଛି ଦିନ ହେବ ସାହୁଙ୍କ ବିରୋଧରେ ନାନା ଅଭିଯୋଗ ବିଧାୟିକା ଓ ବିଧାୟିକଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସଙ୍କ ନିକଟରେ ପହଞ୍ଚିଥିଲା। ଏହାକୁ ନେଇ ଉଭୟଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ୨ ସପ୍ତାହ ତଳେ ବିଧାୟିକା ଦାସ ପ୍ରଥମାଖଣ୍ଡି ପଞ୍ଚାୟତର ରାମେଶ୍ୱର ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଡାକିଥିଲେ। ଏକ ମିଶ୍ରଣ ପର୍ବ ଆୟୋଜନ ଉଦ୍ଦେଶ୍ୟରେ ପ୍ରସ୍ତୁତି ବୈଠକ ହୋଇଥିଲା। ସାହୁଙ୍କ ପଞ୍ଚାୟତର କେତେଜଣ ଭାଜପାର ତୃଣମୂଳସ୍ତରର ନେତାଙ୍କୁ ଦଳରେ ମିଶାଇବା ପାଇଁ ବୈଠକରେ ଆଲୋଚନା ହୋଇଥାନ୍ତା। ମାତ୍ର ଏହାକୁ ବିରୋଧ କରି ସରପଞ୍ଚ ବୈଠକରେ ଯୋଗଦେଇ ନ ଥିଲେ। ଏହାଛଡ଼ା ବିଧାୟକଙ୍କ ଅନୁପସ୍ଥିତିରେ ସେ ୭/୮ଜଣ ୱାର୍ଡସ୍ତରର ନେତାଙ୍କୁ ଦଳରେ ମିଶାଇବା ବାହାନାରେ ପଞ୍ଚାୟତରେ ଏକ ସମାନ୍ତରାଳ ଗୋଷ୍ଠୀ ଗଠନ କରିଛନ୍ତି। ଯେଉଁ ସବୁ କାର୍ଯ୍ୟକୁ ଦଳ ବିରୋଧୀ କାର୍ଯ୍ୟ ବୋଲି ଗଣନା କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ବହିଷ୍କାର ପଛରେ ଷଡ଼ଯନ୍ତ୍ର ପାଇଁ ସାହୁ ସିଧାସଳଖ ବିଧାୟକଙ୍କ ପ୍ରତିନିଧିଙ୍କୁ ଦାୟୀ କରିଛନ୍ତି। ସେ ପୁରୁଣା ବିଜେଡି ଲୋକଙ୍କୁ ଦଳରୁ ବାହାର କରି ତାଙ୍କର ଭାଜପା ସାଥିଙ୍କୁ ଏକାଠି କରିବାକୁ ପ୍ରୟାସ କରି ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ସାହୁ ମତ ରଖିଛନ୍ତି। ଅନ୍ୟପକ୍ଷରେ ବିଧାୟିକା ଦାସ କହିଛନ୍ତି, ଦଳର ଊର୍ଦ୍ଧ୍ୱରେ କେହି ନୁହନ୍ତି। ଦଳୀୟ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ବିଜେଡିର ସଂଗଠନକୁ ସଦୃଢ଼ କରିବା ମୋର ମୂଳ ଲକ୍ଷ୍ୟ ବୋଲି ବିଧାୟିକା ପ୍ରକାଶ କରିଛନ୍ତି।

## ଓଏମ୍‌ସି ଖଣିରେ ଅଚଳାବସ୍ଥା


ତ୍ରିପାକ୍ଷିକ ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

**କାଳିଆପାଣି,୨୧୫(ଡି.ଏନ.ଏ.)**

- ଛଟେଇ କର୍ମଚାରୀଙ୍କୁ କାମ ନ ମିଳିଲେ ଆନ୍ଦୋଳନ
- ତ୍ରିପାକ୍ଷିକ ବୈଠକରେ ଶ୍ରମିକ ସଂଗଠନର ଚେତାବନୀ

ବିସ୍ଥାପନର ଦୁଃଖ ସାଙ୍ଗକୁ ବିଭିନ୍ନ ଖଣି କର୍ତ୍ତୃପକ୍ଷ ଓ ଖଣି ସହ ସମ୍ପୃକ୍ତ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅମାନବୀୟ ବ୍ୟବହାର କ୍ଷତିଗ୍ରସ୍ତ ଲୋକଙ୍କୁ ଆନ୍ଦୋଳନମୁଖୀ କରିଛି। ଏଭଳି ଅବସ୍ଥା ଏବେ ଯାଜପୁର ଜିଲାର ସୁକିନ୍ଦା ଖଣି ଇଲାକାରେ। ବିସ୍ଥାପିତଙ୍କ ଦୁଃଖ ଲାଘବ ପାଇଁ ନା ଖଣି କର୍ତ୍ତୃପକ୍ଷ ନା ପ୍ରଶାସନ କେହି ହେଲେ ବି ଆନ୍ତରିକତା ଦେଖାଉ ନାହାନ୍ତି। ଏହାର ପ୍ରତିବାଦ କରି ଆନ୍ଦୋଳନକାରୀ ଶ୍ରମିକମାନଙ୍କୁ ତଡ଼ା ଖାଇବାକୁ ପଡ଼ିଛି। ଏଭଳି ଏକ ଘଟଣା ଓଏମ୍‌ସି ଖଣିରେ ନିୟୋଜିତ ବିଜିଆର (ବାଲାଜୀ ଗଣପତି ରେଡ଼ି) ପ୍ରାଇଭେଟ ଲିମିଟେଡ୍‌ରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ଠିକାଦାରଙ୍କ ଠାରୁ ୧୩୧ ଜଣ ଶ୍ରମିକ କର୍ମଚାରୀ ଛଟେଇ ହେବା ପରେ ଦକ୍ଷିଣ କାଳିଆପାଣି ଖଣିରେ ଅଚଳାବସ୍ଥା ଲାଗି ରହିଛି। କାମ ବନ୍ଦ ଥିବାରୁ ଖଣି ଭିତରେ ପାଣି ପୂରିବାକୁ ଲାଗିଲାଣି। ସେପଟେ ଖଣି ନିଗମ ପକ୍ଷରୁ ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରହିଛି। ଏହିକ୍ରମରେ ରବିବାର ଖଣି ନିଗମ ଅତିଥିଭବନରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ତହସିଲଦାର ବୁଲବୁଲ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାଳିଆପାଣି ଥାନା ଅଧିକାରୀ, ଦକ୍ଷିଣ କାଳିଆପାଣି ଖଣି ଡିଜିଏମ କାଠି ପ୍ରଧାନ, ପ୍ରଶାସନିକ ଅଧିକାରୀ ଲକ୍ଷ୍ମଣ ହାଁସଦା, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣଚନ୍ଦ୍ର ଧୀର, ବିଜିଆର ପରିଚାଳକ ଶିବା ରେଡ୍ଡି ପ୍ରମୁଖ ସାମିଲ ହୋଇଥିଲେ। ଏବେ ଛଟେଇ କରିଥିବା ସମସ୍ତ ୧୩୧ କର୍ମଚାରୀଙ୍କୁ ନୋଟିସ ମାଧ୍ୟମରେ ପୁନଃ ନିଯୁକ୍ତି ଦେବା ପରେ ଖଣି କାର୍ଯ୍ୟ ଚାଲୁ କରାଯିବ ବୋଲି ଶ୍ରମିକ ସଂଘ ପକ୍ଷରୁ ଦାବି କରାଯାଇ ଥିଲା। ଏହାବାଦ୍ ଅତ୍ୟାବଶ୍ୟକ ଖଣିରୁ ପାଣି ବାହାର କରିବା, ବିଦ୍ୟୁତ୍ ସରବରାହ ଆଦି କାର୍ଯ୍ୟରେ ଶ୍ରମିକମାନେ ନିୟୋଜିତ ହେବେ ବୋଲି ସହମତି ପ୍ରକାଶ ପାଇଥିଲା। ଏହାସହ ପୂର୍ବରୁ ଛଟେଇ କରାଯାଇଥିବା ଆଉ ୨୦ ଜଣଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ବୈଠକରେ ଦାବି କରାଯାଇଥିଲା। ସୋମବାର ସୁଦ୍ଧା ବିଜିଆର କମ୍ପାନୀ ସମସ୍ତ ଛଟେଇ କର୍ମଚାରୀଙ୍କୁ କାମ ନଦେଲେ ପୂର୍ବବତ୍ କାମ ବନ୍ଦ ରହିବ ବୋଲି ଶ୍ରମିକ ସଂଘ ସାଧାରଣ ସମ୍ପାଦକ ଧିର ଚେତାବନୀ ଦେଇଥିଲେ।

## ବିଭିନ୍ନ ସ୍ଥାନ ବିଶୋଧନ କଲା ସଚେତନ ନାଗରିକ ମଞ୍ଚ

**ଧର୍ମଶାଳା,୨୧୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ କବାଟବନ୍ଧ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ସଚେତନ ନାଗରିକ ମଞ୍ଚ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ବିଶୋଧନ କରାଯାଇଛି। ମଞ୍ଚ ଆବାହକ ସରୋଜକାନ୍ତ ବେହେରାଙ୍କ ନେତୃତ୍ୱରେ ସକାଳେ ଜାରକାଠାରେ କର୍ମକର୍ତ୍ତା ପହଞ୍ଚି କରୋନା ଲଢେଇର ପ୍ରମୁଖ ଯୋଦ୍ଧା ଗଣମାଧ୍ୟମ ପ୍ରତିନିଧିମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। କରୋନା ଲଢେଇ ଆରମ୍ଭରୁ ହିଁ ଗଣମାଧମ ପ୍ରତିନିଧି ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଅତ୍ୟନ୍ତ ନିଷ୍ଠାର ସହ କରୁଥିବା ବେଳେ ସେମାନଙ୍କୁ ଅଦ୍ୟାବଧି ଟିକାକରଣ ପକ୍ରିୟାରେ ସାମିଲ କରାଯାଇନାହିଁ। ଯାହା ଦୁର୍ଭାଗ୍ୟଜନକ ବୋଲି ମଞ୍ଚ ପକ୍ଷରୁ କୁହାଯିବା ସହ ସେମାନଙ୍କୁ ତୁରନ୍ତ ସ୍ୱତନ୍ତ୍ର ଭାବେ ଟିକାକରଣ ପ୍ରକ୍ରିୟାରେ ସାମିଲ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ନିକଟରେ କରୋନାରେ ମୃତ୍ୟୁବରଣ କରିଥିବା ସାମ୍ବାଦିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ମଞ୍ଚ ପକ୍ଷରୁ ଜାରକା ବଜାରରେ ଥିବା ବିଭିନ୍ନ ଏଟିଏମ, ପ୍ରମୁଖ ଛକ ବଜାର, ଧର୍ମଶାଳା ଥାନା ଏବଂ ଔଷଧ ଦୋକାନଗୁଡ଼ିକୁ ବିଶୋଧନ କରାଯାଇଥିଲା। ସେହିପରି ଜେନାପୁର ଥାନା ଏବଂ ବିଭିନ୍ନ ଏଟିଏମରେ ବିଶୋଧନ କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଗୁଲାମ ଗସ, ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ଅବିନେଶ୍ୱର ଶତପଥୀ, ଅନୀଲ ନାୟକ, କିଶୋର କୁମାର ରାଉତ ପ୍ରମୁଖ ସାମିଲ ଥିଲେ। ନାଗରିକ ମଞ୍ଚ ପକ୍ଷରୁ ଯଶୋବନ୍ତ ସାହୁ, ଶକ୍ତିପ୍ରସାଦ ସାମନ୍ତ, ସୌମ୍ୟରଞ୍ଜନ ସାହୁ, ସୁଧାଂଶୁ ମହାନ୍ତି, ମିହିର କର ଓ ରଞ୍ଜନ ଓଝା ପ୍ରମୁଖ ଯୋଗଦେଇ କାର୍ଯ୍ୟ ପରିଚାଳନା କରିଥିଲେ।

## ବନ୍ତଳା ପିଏଚ୍‌ସିକୁ କାୟାକଳ୍ପ ପୁରସ୍କାର



ବନ୍ତଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି।

**ଚଣ୍ଡିଖୋଲ,୨୧୫(ଡି.ଏନ.ଏ.)**

ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବନ୍ତଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)କୁ ମିଳିଛି କାୟାକଳ୍ପ ପୁରସ୍କାର। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ଡାକ୍ତରଖାନା ପରିସରରେ ପରିବେଶ ପରିଷ୍କାର ପରିଚ୍ଛନ୍ନ ସହ ବିଭିନ୍ନ ମାନଦଣ୍ଡ ବିଚାରକୁ ନେଇ ସର୍ଭେ କରାଯାଇଥିଲା। ସର୍ଭେରେ ବନ୍ତଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଇତିଶ୍ରୀ ନାୟକ ଯୋଗଦେଇ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଅନୁପ କୁମାର ନାଥଶର୍ମାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବାବଦକୁ ୫୦ ହଜାର ଟଙ୍କା ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ପୁରସ୍କାର ପାଇଥିବାରୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ବନ୍ତଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ କର୍ମଚାରୀ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ବନ୍ତଳା ପଞ୍ଚାୟତବାସୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଚାଲିଲାନି ମୈଥାନ କାରଖାନା

**କଳିଙ୍ଗନଗର,୨୧୫(ଡି.ଏନ.ଏ.)**

**ପୁଣି ଶ୍ରମିକ ଓ କର୍ମଚାରୀ ହତାଶ**

ମେ' ୧ ଶ୍ରମିକ ଦିବସଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ମୈଥାନ କାରଖାନା ଚାଲିବ ବୋଲି ଘୋଷଣା କରାଯାଇଥିଲା। ଏଥିପାଇଁ ଶ୍ରମିକ ଓ କର୍ମଚାରୀ ବେଶ୍ ଉତ୍ସାହିତ ଥିଲେ। ହେଲେ କୌଣସି କାରଣ ବଶତଃ କାରଖାନା ଚାଲି ପାରିନାହିଁ। ଫଳରେ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ଥିବା ଉତ୍ସାହ ମଉଳି ଯାଇଛି। ମାତ୍ର ୮୩ କର୍ମଚାରୀଙ୍କୁ ଗୋଟିଏ ମାସର ଦରମା ଦେଇ କାରଖାନା କର୍ତ୍ତୃପକ୍ଷ ଚୁପ ବସି ପଡ଼ିଥିଲେ। କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ କାରଖାନାକୁ ୧୭ ଫେବୃୟାରୀ ୨୦୧୯ରେ ହଠାତ ବନ୍ଦ କରି ଦେଇଥିଲେ। ଡିସେମ୍ବର ୨୦୨୦ରେ କଳିଙ୍ଗ ଏଣ୍ଟରପ୍ରାଇଜେସ୍ ଏହାର ପରିଚାଳନା ଦାୟିତ୍ୱ ନେଇଥିଲା। ଡିସେମ୍ବର ୨୬ରେ ସ୍ଥାନୀୟ ବିଧାୟକ ପ୍ରିତିରଞ୍ଜନ ଘଡ଼ାଇ ଓ କାରଖାନାର କର୍ମଚାରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ଦୁଇ ମାସ ମଧ୍ୟରେ ତିନି ମାସର ବକେୟା ଦରମା ପ୍ରଦାନ କରିବାକୁ ନୂତନ ପରିଚାଳନା ନିର୍ଦ୍ଦେଶକ ଅମିତ ଗୁପ୍ତା ପ୍ରତିଶ୍ରୁତି ଦେଇଥିଲେ। ଏଥି ସହ ୮୪ ସ୍ଥାୟୀ ଶ୍ରମିକଙ୍କ ୧୯ ମାସର ମୂଳ ଦରମା ପ୍ରଦାନ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ୪୭୬ ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ କେବଳ ୨୦୧୯ ଫେବୃୟାରୀ, ମାର୍ଚ୍ଚ ଓ ଏପ୍ରିଲର ବକେୟା ଦରମା ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କାରଖାନା ଚାଲୁ ହେବାପରେ ୨୩୨ ସ୍ଥାୟୀ କର୍ମଚାରୀ ଓ ୪୭୬ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ସେପରି କିଛି ହେଲାନାହିଁ ବୋଲି କେତେଜଣ ଶ୍ରମିକ କହିଛନ୍ତି। ତେବେ କମ୍ପାନୀର ଏପରି ବ୍ୟତୀକ୍ରମକୁ ନେଇ ବଡ଼ ଧରଣର ଶ୍ରମିକ ଆନ୍ଦୋଳନ ଦାନା ବାନ୍ଧୁଥିବା ବିଶେଷ ସୂତ୍ରରୁ ଖବର ମିଳିଛି।

## ଗାଁରେ ସକ୍ରିୟ ହେଲେଣି ଚୋରା ମଦ ବ୍ୟବସାୟୀ

**ବାଲିଚନ୍ଦ୍ରପୁର,୨୧୫(ସ୍ୱ.ପ୍ର.)**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହାର ସୁଯୋଗ ନେଇ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ବିଭିନ୍ନ ଗାଁରେ ଏବେ ଚୋରା ମଦ ବ୍ୟବସାୟୀ ସକ୍ରିୟ ହୋଇ ଉଠିଛନ୍ତି। ସେହିପରି ଥାନା ଅଞ୍ଚଳର ରାମଦାସପୁର, କୋଲଣଗିରି, ବେଙ୍ଗପୁର, ରଇପୁର, ଅଣକା, ଅଚ୍ୟୁତବସନ୍ତ ଓ ମାଣ୍ଡୁକା ଆଦିସ୍ଥାନରେ ଥିବା ଦୋକାନଗୁଡ଼ିକରେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହିଠାରୁ ଚୋରା ବ୍ୟବସାୟୀମାନେ ମଦ କିଣି ବିଭିନ୍ନ ଗ୍ରାମରେ ବିକ୍ରି କରୁଛନ୍ତି। ଗାଁରେ ମଦବିକ୍ରି ଯୋଗୁ ଯୁବସମାଜ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଚୋରା ମଦ ବିକ୍ରି ବନ୍ଦ ଦିଗରେ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ଦୃଷ୍ଟିଦେବାକୁ ଦାବି ହୋଇଛି।

## ୪ ହାଇୱା ଅଟକ ରଖିଲେ ଗ୍ରାମବାସୀ

**ଘରୋଇ ଜମିରୁ ମାଟି ଉଠାଣ**

**ଚଣ୍ଡିଖୋଲ,୨୫(ଡି.ଏନ.ଏ.)**

ଦର୍ପଣ ତହସିଲ ଅନ୍ତର୍ଗତ କପାଷ୍ଟିକରୀ ଓ ବାରିମୂଳ ଗ୍ରାମରେ କେତେକ ଘରୋଇ ଜମିରୁ ବେଆଇନ ମାଟି ଉଠାଣକୁ ନେଇ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଗ୍ରାମବାସୀ ମାଟି ଉଠାଉଥିବା ଠିକା ସଂସ୍ଥାର ୪ ହାଇୱା ଅଟକ ରଖି ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ପହଞ୍ଚି ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହ କାମ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛି।

ଗ୍ରାମ ନିକଟରେ ଥିବା ରେଳ ଲାଇନର କାର୍ଯ୍ୟ ପାଇଁ ଠିକା ସଂସ୍ଥା ପକ୍ଷରୁ କେତେକ ଘରୋଇ ଜମିରୁ ମାଟି ଉଠାଯାଉଥିଲା। ତେବେ ଏହି ମାଟି ଉଠାକୁ ନେଇ ଜମି ମାଲିକଙ୍କ ସହିତ କୌଣସି ଆଲୋଚନା କରାଯାଇ ନ ଥିଲା। ସେହିପରି ହାଇଲେଭଲ କେନାଲରୁ ବାରିମୂଳ ଗାଁକୁ ଯାଇଥିବା ଶାଖା ନାଳ ବନ୍ଧ କଡ଼ରୁ ମଧ୍ୟ ମାଟି ଉଠାଯାଇଥିଲା। ଯଦ୍ୱାରା କେନାଲ ବନ୍ଧ ଦୁର୍ବଳ ହେବାରେ ଲାଗିଥିଲା। ତେବେ ଏଥି ପାଇଁ ଠିକା ସଂସ୍ଥା ମଧ୍ୟ ସ୍ଥାନୀୟ ତହସିଲରୁ ଅନୁମତି ନେଇ ନ ଥିବା ଜଣାଯାଇଛି। ଗ୍ରାମବାସୀଙ୍କ ବିରୋଧ ପରେ ଠିକା ସଂସ୍ଥାର କର୍ମକର୍ତ୍ତା ବୈରୀ ଥାନାରେ ପହଞ୍ଚି ଥାନାଧିକାରୀ ମାର୍କଣ୍ଡ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ଥାନାଧିକାରୀ ଦର୍ପଣ ତହସିଲରୁ ଅନୁମତି ଆଣି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନର ବିନା ଅନୁମତିରେ ଘରୋଇ ଓ ଜଳସେଚନ ଜମିରୁ ମାଟି ଉଠାଯାଇଥିବାରୁ ସ୍ଥାନୀୟ ପ୍ରଶାସନ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଧାପନ୍ତରିଆ ରାସ୍ତା ମରାମତି ଦାବି

**କାମ ଛାଡ଼ି ଠିକାଦାରଙ୍କ ଛତ୍ରଭଙ୍ଗ**

**ଯାଜପୁର ଅଫିସ/ରଗଡି (ଡି.ଏନ.ଏ.), ୨୧୫**

ଯାଜପୁର ଜିଲାର ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ବଢ଼ିବାରେ ଲାଗିଛି। କେଉଁଠି ନିମ୍ନମାନର କାମ କରି ଠିକାଦାର ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଚଳୁ କରୁଛନ୍ତି ତ ଆଉ କେଉଁଠି ଅଧାପନ୍ତରିଆ କାର୍ଯ୍ୟ କରି ଛତ୍ରଭଙ୍ଗ ହେଉଥିବା ନଜରକୁ ଆସୁଛି। ଯାଜପୁର ଜିଲା କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ ୨୦ ନମ୍ବର ଜାତୀୟ ରାଜପଥର ରଗଡିଠାରୁ କିଆପଦା ରାସ୍ତାକୁ ଏହାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ନିଆଯାଇପାରିବ। ଏହି ୫.୫ କିମି ରାସ୍ତାର ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୬୧ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ହେଲେ କାମ ଆରମ୍ଭରୁ ଠିକାଦାର ୩.୫ କିମି ପର୍ଯ୍ୟନ୍ତ ଅତି ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଚଳୁ କରିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ବେହେରା ଗ୍ରାମବାସୀଙ୍କ ଉପସ୍ଥିତିରେ କାର୍ଯ୍ୟର ମାନ ପରଖି ଥିଲେ। ମରାମତି ହୋଇଥିବା ୩.୫ କି.ମି. ରାସ୍ତା ନିମ୍ନମାନର ହୋଇଥିବା ତଦନ୍ତରେ ଜଣାପଡ଼ିବା ପରେ କନିଷ୍ଠ ଯନ୍ତ୍ରୀ ବେହେରା ପୁନର୍ବାର କାର୍ଯ୍ୟ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରି ସମ୍ପୃକ୍ତ ଠିକାଦାର ୧ ମାସରୁ ଊର୍ଦ୍ଧ୍ୱ ହେବ ଅଧାପନ୍ତରିଆ କାର୍ଯ୍ୟ କରି ପଳାଇଛନ୍ତି। ମରାମତି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ବିଭିନ୍ନ ମହଲରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ଅଧିକାରୀ ଏହାକୁ କର୍ଣ୍ଣପାତ କରୁ ନାହାନ୍ତି। ରାସ୍ତା ଉପରେ ନିର୍ଭରଶୀଳ ପ୍ରାୟ ୧୦ ଗ୍ରାମର ଲୋକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଠିକାଦାର ଜାଣିଶୁଣି କାମ ବନ୍ଦ କରିଥିବେ ତେବେ ତାଙ୍କୁ କଳା ତାଲିକାଭୁକ୍ତ କରିବାକୁ ମଧ୍ୟ ଦାବି ହେଉଛି। କନିଷ୍ଠ ଯନ୍ତ୍ରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପୃକ୍ତ ଠିକାଦାରଙ୍କ ସହ ଯୋଗାଯୋଗ ହେଉଛି। ଖୁବ୍‌ଶୀଘ୍ର ପୁଣି କାମ ଆରମ୍ଭ କରାଯିବ।


ଅଧାପନ୍ତରିଆ ରାସ୍ତା।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କଶିଟ,
ପର୍ସନାଲ, ସମ୍ପତ୍ତି, ଗୃହ,
ବ୍ୟବସାୟ, କୃଷି, ଶିକ୍ଷା,
କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ମେ, ୨୦୨୧



**ଧର୍ମଶାଳା ଅଞ୍ଚଳରେ କାଳବୈଶାଖୀ**

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଞ୍ଚଳରେ ରବିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଫଳରେ ଲୋକଙ୍କୁ ଗରମରୁ ଆଶ୍ୱସ୍ତି ମିଳିଛି। କିଛି ଦିନ ହେବ ଅଞ୍ଚଳରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ହେଉଥିଲା। ଲୋକେ ୧୧ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଥିଲା। ଖରା ଯୋଗୁ ଅନେକ ଲୋକ ଘରୁ ବାହାରି ପାରୁ ନ ଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ



**ପଟ୍ଟାମୁଣ୍ଡାଇ,୨।୫ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁର ବଢ଼େଇସାହିରେ ଶନିବାର ନିଆଁଲାଗି ୩ ପରିବାରର ୩ ଖଞ୍ଜା ଘର ଜଳିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ଯାଇଛି। ଅଗ୍ନିକାଣ୍ଡରେ ହେମନ୍ତ ମହାରଣା, ଘନ ମହାରଣା ଓ ପଞ୍ଚୁ ମହାରଣାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁକୁ ଗ୍ରାମବାସୀ ଆୟତ୍ତ କରି ପାରି ନ ଥିଲା। ଖବର ପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡ କିପରି ଘଟିଲା ସେନେଇ କିଛି ଖବର ମିଳିପାରିନାହିଁ। ତୁରନ୍ତ ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାପାଙ୍କ ଦଶାହ ଦିନ ପୁଅଙ୍କ ମୃତ୍ୟୁ

**ସିଂହପୁର,୨।୫(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁରରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ନନ୍ଦକିଶୋର ପାତ୍ରଙ୍କ ରବିବାର ଦଶାହ କର୍ମ ଥିଲା। ତେବେ ଏହି କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ତାଙ୍କ ପୁଅ ରଞ୍ଜନ (୫୦)ଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ରଞ୍ଜନଙ୍କ କିପରି ମୃତ୍ୟୁ ଘଟିଲା ତାହା ଜଣାପଡିନାହିଁ।

### ପଦ୍ମଭୂଷଣ ମନୋଜ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

**ରାଜନଗର,୨।୫(ଡି.ଏନ.ଏ.):** ଓଡ଼ିଶା ତଥା ଭାରତୀୟ ସାହିତ୍ୟର କଥାକାର, ଔପନ୍ୟାସିକ ପଦ୍ମଭୂଷଣ ମନୋଜ ଦାସଙ୍କ ବିୟୋଗ ଓଡ଼ିଶାବାସୀଙ୍କ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ଅମର ଆତ୍ମାର ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ରାଜନଗରସ୍ଥିତ ଅଭିରାମ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜ୍ୟପୂଜା ସଂସଦର ସଭାପତି ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟ କରିଥିଲେ। ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଭ୍ୟ, କଥାକାର ତଥା ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅତୁଳ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ତଥା ଭାରତ ବର୍ଷର ଜଣେ ସୁଯୋଗ୍ୟ ସନ୍ତାନଙ୍କ ବିୟୋଗ ଅପୂରଣୀୟ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି। ତାଙ୍କର ବହୁମୁଖୀ ସୃଜନ କୀର୍ତ୍ତି ତାଙ୍କୁ କାଳକାଳ ଧରି ଅମର କରି ରଖିବ ବୋଲି କହିଥିଲେ। ସଭାରେ କବି ଅଭିରାମ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଅଭିରାମ ସେବାଶ୍ରମର ଅଭୟ ବାବା, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଗାଳ୍ପିକ ତଥା ଅଧାପକ ରତ୍ନାକର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଗୃହ ସଙ୍ଗରୋଧ ପାଇଁ ଭିତ୍ତିଭୂମି ନାହିଁ

- ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ଟପିଲା
- ଫେରୁଛନ୍ତି ପ୍ରବାସୀ, ମାନୁନାହାନ୍ତି କଟକଣା
- ଟିକାକରଣ ଭିତ୍ତିଭୂମି ସୁଦୃଢ଼ ପାଇଁ ଦାବି

**କେନ୍ଦ୍ରାପଡ଼ା ଅଫିସ, ୨।୫**

କରୋନା ସଂକ୍ରମିତଙ୍କ ସଂଖ୍ୟା କେନ୍ଦ୍ରାପଡ଼ା ଜିଲାରେ ୧୦ ହଜାର ଟପିଛି। ଶନିବାର ଚିହ୍ନଟ ୭୦ଜଣଙ୍କ ସହ ଏମାନଙ୍କ ସଂଖ୍ୟା ୧୦,୧୦୬ରେ ପହଞ୍ଚିଛି। ଏଥିମଧ୍ୟରୁ ୯,୫୨୩ ସୁସ୍ଥ ଥିବା ବେଳେ ଜିଲାର ୫୫୩ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ତେବେ ଅଧିକାଂଶ ସଂକ୍ରମିତ ଗୃହ ସଙ୍ଗରୋଧରେ ରହିଥିବା ବେଳେ ଘର, ପାଇଖାନା, ବାସନ କୁସନ ଆଦିର ଅଭାବ ପରିଲକ୍ଷିତ ହେଉଛି। ଶଟ୍‌ଡାଉନ, ସାପ୍ତାହିକ କଟକଣା ସହର ମଧ୍ୟରେ ସୀମିତ ରହୁଛି। ପ୍ରବାସୀ ଘରକୁ ଫେରୁଥିବା ବେଳେ ଗ୍ରାମାଞ୍ଚଳରେ କଟକଣା ମାନୁନାହାନ୍ତି। ସେହିପରି ଟିକାକରଣ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ବହୁ ପଛରେ ଅଛି। କରୋନା ସଂକ୍ରମଣକୁ ପ୍ରତିହତ ପାଇଁ ଭିତ୍ତିଭୂମି ଅଭାବ ପୂରଣ କରିବାକୁ ବୁଦ୍ଧିଜୀବୀ ବର୍ଗରେ ସ୍ୱର ଉଠିଛି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ବାନାମ୍ବର ସାହୁ, ପ୍ରତାପ କୁମାର ପାଢୀ, ଡା. ପି.ଏନ. ଗୌରାଙ୍ଗ, ଶିବାଶିଷ ମହାନ୍ତି ପ୍ରମୁଖ କହିଛନ୍ତି, ଜିଲାରେ କରୋନା ସଂକ୍ରମଣ ଗ୍ରାଫ୍ ଦିନକୁ ଦିନ ବଢ଼ୁଛି। ଦ୍ୱିତୀୟ ଲହରରେ ପ୍ରତିଦିନ ୫୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଜିଲାରେ ସପ୍ତାହାନ୍ତ କଟକଣା ଶନିବାର ଓ ରବିବାର ରହିଛି। ଏଥିସହ ସୋମବାରଠାରୁ ଅପରାହ୍ନ ୨ଟାଠାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରଖିବାକୁ ବ୍ୟବସାୟୀମାନେ ନିଷ୍ପତ୍ତି ନେଇଛନ୍ତି। ଏହାସହ ଆସନ୍ତା ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାସତ୍ତ୍ୱେ ଗ୍ରାମାଞ୍ଚଳରେ କଟକଣାକୁ ଗୁରୁତ୍ୱ ଦିଆଯାଉନାହିଁ। ଜିଲା ପ୍ରଶାସନ ସହର ମଧ୍ୟରେ ସୀମିତ ଥିବା ବେଳେ ବ୍ଲକ ପ୍ରଶାସନ ପାଇଁ ଆବଶ୍ୟକ ପୋଲିସ ବ୍ୟବସ୍ଥା ହୋଇପାରିନାହିଁ। କରୋନା ସଂକ୍ରମଣର ପ୍ରଥମ ଲହରରେ ଜିଲାକୁ ପ୍ରାୟ ୩ ଲକ୍ଷ ପ୍ରବାସୀ ଘରକୁ ଫେରିଥିଲେ। ଦ୍ୱିତୀୟ ଲହରରେ ଅଧିକାଂଶ ରାଜ୍ୟ ଲକ୍‌ଡାଉନ ଆରମ୍ଭ ହେଉଥିବାରୁ ଜିଲାର ପ୍ରବାସୀ ଘରକୁ ଫେରୁଛନ୍ତି। ଏହି ପ୍ରବାସୀଙ୍କୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥିତ ପଞ୍ଚାୟତସ୍ତରୀୟ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇ ସଂକ୍ରମଣଜନିତ ପରୀକ୍ଷା କରାଯାଉଥିଲା। ଏବେ ତାହା ମଧ୍ୟ ବନ୍ଦ ଅଛି। ଜିଲାର ୬୫ପ୍ରତିଶତ ଲୋକଙ୍କ ଆର୍ଥିକ ସ୍ଥିତି ଅତି ଦୁର୍ବଳ। ଗୋଟିଏ ଘରେ ପରିବାରର ସମସ୍ତ ସଦସ୍ୟ ରହୁଛନ୍ତି। ଜିଲାରେ ୮୦ ପ୍ରତିଶତ ଘରେ ଗାଧୁଆ ଘର ନ ଥିବାବେଳେ ପ୍ରାୟ ୪୦ ପ୍ରତିଶତଙ୍କ ଘରେ ପାଇଖାନା ନାହିଁ। ସେହିପରି ସହରାଞ୍ଚଳ ବସ୍ତିରେ ପାଇଖାନା ଓ ଗାଧୁଆ ଘରର ସମସ୍ୟା ରହିଛି। ସଙ୍ଗରୋଧରେ ରହୁଥିବା କରୋନା ସଂକ୍ରମିତଙ୍କ ପାଇଁ ପୃଥକ୍ ଘର ନ ଥିବାରୁ ଗୃହ ସଙ୍ଗରୋଧ ନିୟମ ଧର୍ମକୁ ଆଖିଠାର ହୋଇଛି। ୨୦୨୦ରେ ବିଭିନ୍ନ ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ର ଓ କୋଭିଡ୍ ଚିକିତ୍ସାଳୟ ବ୍ୟବସ୍ଥା ହୋଇଥିଲା। ତେବେ ଦ୍ୱିତୀୟ ଲହରରେ ଏହି ବ୍ୟବସ୍ଥା ପୂରା ଶୀତଳଭଣ୍ଡାରକୁ ଚାଲିଯାଇଛି। କରୋନା ସଂକ୍ରମଣ ରୋକିବାକୁ ଟିକାକରଣ ଏକମାତ୍ର ଉପାୟ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ରାଜ୍ୟର ଅନ୍ୟ ଜିଲା ତୁଳନାରେ ବହୁ ପଛରେ ପଡିଛି। ଜିଲାର ୧୨ଲକ୍ଷରୁ ଅଧିକ ଲୋକ ଟିକା ନେବାକୁ ଉପଯୁକ୍ତ ଥିବା ବେଳେ ଅଦ୍ୟାବଧି ମାତ୍ର ୧ ଲକ୍ଷ ୭୭ ହଜାର ଡୋଜ୍‌ର ଟିକାକରଣ ହୋଇଛି। ଏଥିରୁ ମାତ୍ର ୩୪ ହଜାର ଲୋକ ଟିକାର ଦୁଇ ଡୋଜ୍ ନେଇଥିବା ବେଳେ ୧ ଲକ୍ଷ ୯ ହଜାର ଲୋକ ପ୍ରଥମ ଡୋଜ୍ ନେଇଛନ୍ତି। ଟିକାର ଅଭାବ ପାଇଁ ଟିକାକରଣ ବନ୍ଦ ରହୁଛି। ପର୍ଯ୍ୟାପ୍ତ ଟିକା ଜିଲାକୁ ଆଣିବା ସହ ଟିକାକରଣ ପାଇଁ ଅଧିକ କାଉଣ୍ଟର ଆବଶ୍ୟକ। ସେହିପରି ସଙ୍ଗରୋଧ କେନ୍ଦ୍ର ଓ କୋଭିଡ୍ ଚିକିତ୍ସା କେନ୍ଦ୍ର ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଟିକାକରଣ ସମସ୍ୟା ସୁଧୁରି ଯାଇଛି। ଅଧିକ କାଉଣ୍ଟରର ବ୍ୟବସ୍ଥା ହେଉଛି। ଗ୍ରାମାଞ୍ଚଳରେ କଟକଣାକୁ ଠିକ୍ ଢଙ୍ଗରେ ପାଳନ ପାଇଁ ସଚେତନତା ସହ ପ୍ରଶାସନିକ ସ୍ତରରେ ଉଦ୍ୟମ ଚାଲିଛି।

# ଜନ୍ମାନ୍ଧ ଦୁଇଶିଶୁ ଦୁନିଆ ଦେଖିଲେ





ବର୍ଷାରାଣୀ, ଜଳଧରଙ୍କ ଚକ୍ଷୁ ଅସ୍ତ୍ରୋପଚାର ହୋଇଛି।

**ଡେରାବିଶ,୨।୫(ସ୍ୱ.ପ୍ର.)**

ବେଲାରପୁରର ଜଣାଶୁଣା ଦୃଷ୍ଟିହୀନ ପରିବାର ପାଇଁ ଦେବଦୂତ ହୋଇ ଉଭା ହୋଇଛି ସାଇ କଲ୍ୟାଣ ସଙ୍ଗଠନ। ସଙ୍ଗଠନର ଚେଷ୍ଟାରେ ଏହି ପରିବାରର ଦୁଇ ଆଜନ୍ମ ଦୃଷ୍ଟିହୀନ ଶିଶୁ ଦିନ କେଇଟାରେ ଦୃଷ୍ଟିଶକ୍ତି ଫେରି ପାଇଛନ୍ତି। ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଈପୁର ପଞ୍ଚାୟତର ବେଲାରପୁରର ସ୍ୱର୍ଗତ ଭିକାରୀ ଦାସ ଦୃଷ୍ଟିହୀନ ଥିଲେ। ତାଙ୍କର ଦୁଇପୁଅ ଜଟାଧାରୀ ଦାସ (୪୧) ଓ ମାନଗୋବିନ୍ଦ ଦାସ (୩୬) ବିବାହ ପରେ ଦୃଷ୍ଟିହୀନ ହୋଇଯାଇଥିଲେ। ଜଟାଧାରୀଙ୍କ ଏକମାତ୍ର ଝିଅ ବର୍ଷାରାଣୀ ଦାସ (୮) ଓ ମାନଗୋବିନ୍ଦଙ୍କ ପୁଅ ଜଳଧର ଦାସ (୬) ଜନ୍ମାନ୍ଧ ଥିଲେ। ଆର୍ଥିକ ଦୁରାବସ୍ଥା ମଧ୍ୟରେ ଗତି କରୁଥିବା ଜଟାଧାରୀ ଓ ମାନଗୋବିନ୍ଦଙ୍କ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନ ଥିବାରୁ ଗ୍ରାମବାସୀଙ୍କ ସହଯୋଗରେ ରାସ୍ତାପାର୍ଶ୍ୱରେ ଏକ ଭଙ୍ଗା ଚାଳି ଘରେ ପରିବାର ସହ ରହୁଛନ୍ତି। ପିଲାଙ୍କ ଚକ୍ଷୁ ଚିକିତ୍ସା ପାଇଁ ଅର୍ଥ ଯୋଗାଡ କରିବା ସେମାନଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ଯାଜପୁର ଜିଲା ବାଲିଚନ୍ଦ୍ରପୁରସ୍ଥିତ ସାଇ କଲ୍ୟାଣ ସମିତି ପକ୍ଷରୁ ଦୁଇଶିଶୁଙ୍କୁ ଆରୋଗ୍ୟ ପାଇଁ ସହଯୋଗର ହାତ ବଢ଼ାଇ ଥିଲେ। କିଛିଦିନ ତଳେ ସଙ୍ଗଠନର ପଲେଇ ଶାଖାର କର୍ମକର୍ତ୍ତା ଏହି ୬ଜଣ ସଦସ୍ୟାସଦସ୍ୟ ପରିବାରର ୪ଜଣଙ୍କ ଦୃଷ୍ଟିହୀନଙ୍କୁ ବାଲିଚନ୍ଦ୍ରପୁରସ୍ଥିତ ସାଇ ଶାନ୍ତି ହସ୍ପିଟାଲକୁ ନେଇଥିଲେ। ସେଠାରେ ସେମାନଙ୍କର ଚକ୍ଷୁ ପରୀକ୍ଷା କରାଯିବା ପରେ ପ୍ରଥମେ ଦୁଇଶିଶୁ ବର୍ଷା ଓ ଜଳଧରଙ୍କ ଏପ୍ରିଲ ୨୪ରେ ଅସ୍ତ୍ରୋପଚାର କରିଥିଲେ ଚକ୍ଷୁରୋଗ ବିଶେଷଜ୍ଞ ଡା. ବିଷ୍ଣୁ ପ୍ରସାଦ ସର। ମାତ୍ର ୩ଦିନ ପରେ ୨୭ ତାରିଖରେ ଦୁଇଶିଶୁ ଜନ୍ମାନ୍ଧରୁ ମୁକ୍ତ ହୋଇ ଦୁନିଆକୁ ଦେଖିବାର ସୌଭାଗ୍ୟ ଲାଭ କରିଛନ୍ତି। ଅସ୍ତ୍ରୋପଚାରରେ ଡା. ସରଙ୍କୁ ସସ୍ମିତା ମଞ୍ଜରୀ ବେହୁରା ସହଯୋଗ କରିଥିଲେ। ଆବଶ୍ୟକ ଲେନ୍ସ ଓ ଔଷଧ ଆଦି ମାଗଣାରେ ପ୍ରଦାନ କରାଯାଇଛି। ପଲେଇ ସାଇ କଲ୍ୟାଣ ଶାଖାର କର୍ମକର୍ତ୍ତା ପ୍ରଶାନ୍ତ କୁମାର ସାମଲ କୁହନ୍ତି, ଖୁବ୍‌ଶୀଘ୍ର ଜଟାଧାରୀ ଓ ମାନଗୋବିନ୍ଦଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି ଚାଲିଛି। ସାଇ କଲ୍ୟାଣ ସଙ୍ଗଠନର ଏହି ପ୍ରୟାସକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

# ନିଶାମୁକ୍ତ କେନ୍ଦ୍ରରେ ଯୁବକଙ୍କୁ ପିଟି ହତ୍ୟା



ଜଗତ୍‌ସିଂହପୁର କୋର୍ଟ ଛକରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।

- ବଡ଼ବଜାର ମୁଖ୍ୟ ରାସ୍ତାରେ ଟାୟାର ଜାଳି ପ୍ରତିବାଦ
- ଘଟଣାସ୍ଥଳରେ ପୋଲିସ ମୁତୟନ

**ଜଗତ୍‌ସିଂହପୁର ଅଫିସ, ୨।୫**

ଜଗତ୍‌ସିଂହପୁର ଥାନା ଚାନ୍ଦଗଡ଼ ମଞ୍ଜୁରାଇରେ ଥିବା 'ଚେଷ୍ଟା' ନିଶାମୁକ୍ତ କେନ୍ଦ୍ରରେ ଚାଟରାର ସେକ୍ ଜବରଙ୍କୁ ପିଟି ପିଟି ରବିବାର ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ ସ୍ଥାନୀୟ ଲୋକେ କେନ୍ଦ୍ରରେ ପହଞ୍ଚି ହୋହଲ୍ଲା କରିବା ସହ ଜଗତ୍‌ସିଂହପୁର ବଡ଼ବଜାର କୋର୍ଟ ଛକ ମୁଖ୍ୟ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି। କେନ୍ଦ୍ର ପରିଚାଳକଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ଭିତରେ ଗିରଫ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ କହିଛନ୍ତି। ଉତ୍ତେଜନାସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋରୁ ଉତ୍ତ୍ୟକ୍ତ ଲୋକେ ହଟି ଥିଲେ। ମୃତ ଜବରଙ୍କ ବାପା ସେକ୍‌ସେର ଅଲ୍ଲି ଓରଫ ରାଜୁଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୨୦/୨୧) ରୁଜୁ କରିଛି। ଏଥିସହ କେନ୍ଦ୍ରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ଏ ସମ୍ପର୍କରେ ମୃତକଙ୍କ ଭାଇ ଜଲିଲ କହିଛନ୍ତି, ଜବରଙ୍କ ନିଶା ଅଭ୍ୟାସ ଛଡ଼ାଇବା ପାଇଁ ଉକ୍ତ କେନ୍ଦ୍ରରେ ରଖାଯାଇଥିଲା। କେନ୍ଦ୍ର ପରିଚାଳକ ୩ ମାସରେ ନିଶାମୁକ୍ତ ହୋଇଯିବା ପ୍ରତିଶ୍ରୁତି ଦେଇ ୩୩ ହଜାର ଟଙ୍କା ଦାବି କରିଥିଲେ। ଶେଷରେ ୩୦ହଜାର ଟଙ୍କାରେ ରାଜି ହୋଇଥିଲେ। ମାସିକ ୧୦ ହଜାର ଟଙ୍କା ହିସାବରେ ଦିଆଯିବ ବୋଲି କଥା ହୋଇଥିଲା। ପ୍ରଥମ ମାସର ଟଙ୍କା ଦିଆଯାଇଥିଲା। ଅର୍ଥାଭାବ କାରଣରୁ ୨ୟ ମାସ ଟଙ୍କା ଦେବାରେ ବିଳମ୍ବ ହୋଇଥିଲା। କେନ୍ଦ୍ରରେ ୧୫ରୁ ଅଧିକ ନିଶାସକ୍ତ ରହୁଥିଲେ। କିନ୍ତୁ ରବିବାର ଖବର ମିଳିଲା କି ତାଙ୍କ ଭାଇଙ୍କୁ ମାରି ଦିଆଯାଇଛି। କେନ୍ଦ୍ରରେ ରହୁଥିବା ଅନ୍ୟଜଣେ ବ୍ୟକ୍ତି କହିଛନ୍ତି, ପରିଚାଳକ ଷ୍ଟେପ୍ ଘୋଷିବା ପାଇଁ କୁହନ୍ତି। ଯେଉଁମାନେ ଘୋଷି ନ ପାରନ୍ତି ତାଙ୍କୁ ସେ ପିଟନ୍ତି। ଜବର ଘୋଷି ନ ପାରିବାରୁ ପରିଚାଳକ ଏକ ଟାୱେଲକୁ ଓଦା କରି ନିଷ୍ଠୁର ଭାବେ ପିଟିଥିଲେ। ଏପରି କି ତାଙ୍କ ଛାତି ଉପରେ ଛିଡ଼ା ହୋଇ ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଜବରଙ୍କ ସହ ଅନ୍ୟ ୮ ଜଣଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଖବରପାଇ ଉତ୍ତ୍ୟକ୍ତ ଲୋକେ କେନ୍ଦ୍ରରେ ପହଞ୍ଚି ପ୍ରତିବାଦ କରିଥିଲେ। ଏହି ସମୟରେ ସମ୍ପୃକ୍ତ ପରିଚାଳକ ସେଠାରୁ ଖସି ପଳାଇଛନ୍ତି।

### ୩ ଦିନରେ ଡେରାବିଶରେ ୩୩ କରୋନା ଆକ୍ରାନ୍ତ

**ଡେରାବିଶ, ୨।୫(ସ୍ୱ.ପ୍ର.)**

କରୋନାର ଦ୍ୱିତୀୟ ଲହରରେ ଡେରାବିଶ ବ୍ଲକ ଅଞ୍ଚଳରେ ୩ ଦିନ ମଧ୍ୟରେ ୩୩ ଜଣ ଆକ୍ରାନ୍ତ ହୋଇ ସଙ୍ଗରୋଧ ଓ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରୁ ଶୁକ୍ରବାର ୧୨ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଶନିବାର ୧୦ ଚିହ୍ନଟ ହୋଇଛନ୍ତି। ରବିବାର ୧୧ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ କିଛିମାସ ହେବ ବ୍ଲକ ଅଞ୍ଚଳରେ କରୋନା ମହାମାରୀ ନ ଥିଲା। ଦ୍ୱିତୀୟ ଲହର ଅଞ୍ଚଳରେ କାୟାବିସ୍ତାର କରୁଥିବାରୁ ସାଧାରଣରେ ଆତଙ୍କ ଖେଳିଯାଇଛି।

### ଜନଶକ୍ତି ପାର୍ଟି ଜିଲା ସଭାପତିଙ୍କ ବିୟୋଗ

**ରାଜନଗର, ୨।୫ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଜନଶକ୍ତି ପାର୍ଟିର ସଭାପତି ଗଣେଶ୍ୱର ନାୟକଙ୍କ ଏପ୍ରିଲ ୩୦ରେ ରାଜନଗର ବ୍ଲକ ଚଣ୍ଡିଆପଲ୍ଲୀସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଛି। ଶିକ୍ଷକତାରୁ ଅବସର ଗ୍ରହଣ କରିବା ପରେ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ନିୟୋଜିତ ଥିଲେ। ଏଥିସହ ଜନଶକ୍ତି ପାର୍ଟିର ଜିଲା ସଭାପତି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଜନଶକ୍ତି ପାର୍ଟିର ରାଜ୍ୟସଭାପତି ଆଇନଜୀବୀ ପ୍ରଦୀପ ଦାସ, ବିବେକ ନାୟକ, ରମେଶ ଥାଟୋଇ ପ୍ରମୁଖ ତାଙ୍କ ବାସଭବନରେ ପହଁଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଭୋକିଲାଙ୍କୁ ଖାଦ୍ୟ ଦେଲେ କିନ୍ନର

**ପାରାଦୀପ,୨।୫(ସ୍ୱ.ପ୍ର.)**

### ଶଟ୍‌ଡାଉନ୍‌ରେ ମାନବିକତା ଦେଖାଇଲେ



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଶନିବାର ଓ ରବିବାର ସହରାଞ୍ଚଳରେ ଶଟଡାଉନ୍ ଘୋଷଣା କରିଛନ୍ତି। ଏହି ୨ ଦିନ ବଜାର ବନ୍ଦ ରହୁଛି। ଏପରିସ୍ଥିତିରେ ପାରାଦୀପ ସହରର ବିଭିନ୍ନ ସ୍ଥାନରେ ବୁଲୁଥିବା ମାନସିକ ବିକାରଗ୍ରସ୍ତ, ଅସହାୟ ଲୋକ ଖାଇବାକୁ ଡହଳବିକଳ ହେଉଛନ୍ତି। ଏହି ସମୟରେ ସେମାନଙ୍କୁ ସହାୟତା କରିବାକୁ ଆଗେଇ ଆସିଛନ୍ତି କିନ୍ନର। ପାରାଦୀପର ୪୦ରୁ ଊର୍ଦ୍ଧ୍ୱ କିନ୍ନରଙ୍କୁ ନେଇ ଗଠିତ ମା' ବହୁଚରା ମାତା ଟ୍ରାନ୍ସଜେଣ୍ଡର ଗ୍ରୁପ୍ ପକ୍ଷରୁ ସେମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇ ଦିଆଯାଉଛି। ଶନିବାର, ରବିବାର ମଧ୍ୟାହ୍ନରେ କିନ୍ନରମାନେ ଭୂତମୁଣ୍ଡାଇଠାରୁ ବଡ଼ପଡ଼ିଆ ପର୍ଯ୍ୟନ୍ତ ରାସ୍ତାକଡ, ବସଷ୍ଟାଣ୍ଡ, ରେଳ ଷ୍ଟେଶନରେ ମାନସିକ ବିକାରଗ୍ରସ୍ତଙ୍କୁ ଖାଇବା ଦେଉଛନ୍ତି। ଏ ସମ୍ପର୍କରେ ଗ୍ରୁପର ସଭାପତି ରାଧା ସ୍ୱାଇଁ, ପରାମର୍ଶଦାତା ସୁଶ୍ରୀ ସରିତା ସୂତାର କୁହନ୍ତି, ସମୟ ଥିଲା ସାମାଜିକସ୍ତରରେ କିନ୍ନରଙ୍କୁ ଲୋକେ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ। ସୁପ୍ରିମକୋର୍ଟ ଆମକୁ ତୃତୀୟ ଲିଙ୍ଗର ମାନ୍ୟତା ଦେବାପରେ ଆମ ଚଳଣି ବଦଳି ଯାଇଛି। କିନ୍ନରମାନେ ଏବେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେଲେଣି। ଅସହାୟ ଓ ମାନସିକ ବିକାରଗ୍ରସ୍ତଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ ଆମ ଟ୍ରଷ୍ଟ ଜରିଆରେ ଅର୍ଥ ସଂଗ୍ରହ କରାଯାଇ ଶଟ୍‌ଡାଉନ୍ ସମୟରେ ସେମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି।

# ୧୧ ହାଇୱା, ପୋକଲିନ୍ ଜବତ

**କୁଜଙ୍ଗ, ୨।୫(ଡି.ଏନ୍.ଏ.)**



ଜବତ ହୋଇଥିବା ହାଇୱା।

### ବେଆଇନ ଭାବେ ବାଲି, ମାଟି ଉଠାଣ

ଜଗତ୍‌ସିଂହପୁର ଜିଲା ପ୍ରଶାସନ କୁଜଙ୍ଗ ତହସିଲ ପକ୍ଷରୁ ବେଆଇନଭାବେ ବାଲି ଓ ମାଟି ଚୋରା ଚାଲାଣ ହେଉଥିବା ଅଞ୍ଚଳରେ ଶନିବାର ଚଢ଼ାଉ କରାଯାଇଛି। ଏହି ଅବସରରେ ତହସିଲ ଅନ୍ତର୍ଗତ ଗୋବର୍ଦ୍ଧନପୁର ବାଲି ଘାଟରେ ଚଢ଼ାଉ କରାଯାଇ ବେଆଇନ ଭାବେ ବାଲି ଉଠାଣ କାର୍ଯ୍ୟରେ ନିୟୋଜିତ ଥିବା ୧୧ ହାଇୱା ଓ ଗୋଟିଏ ପୋକଲିନ୍ ଜବତ କରାଯାଇଛି। ମାତ୍ର କୌଣସି ଅଭିଯୁକ୍ତ ଧରାପଡ଼ିନାହାନ୍ତି। ସୋମବାର ଥାନାରେ ଅଭିଯୋଗ ହେବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ପୂଜା ଲେଙ୍କା କହିଛନ୍ତି। ସୂଚନାଯୋଗ୍ୟ, ଗୋବର୍ଦ୍ଧନପୁର ବାଲିଘାଟ ନିଲାମ ପାଇଁ ଟେଣ୍ଡର ଗ୍ରହଣ ସରିଛି। ମାତ୍ର ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନାହିଁ। ଏହାସତ୍ତ୍ୱେ ବେଆଇନ ଭାବେ ଘାଟରୁ ବାଲି ଉଠାଯାଉଥିଲା। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବରପାଇ ଜଗତ୍‌ସିଂହପୁର ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଡେପୁଟି କଲେକ୍ଟର ଅଜୟ ମହାନ୍ତି, ତହସିଲଦାର ଲେଙ୍କା, ଏସ୍‌ଡିପିଓ ଦୀପକ ଜେନା, କୁଜଙ୍ଗ ଥାନା ଅଧିକାରୀ ପାରାଓ ଟୁଡୁ ପ୍ରମୁଖ ସଦଳବଳ ସେଠାରେ ଚଢ଼ାଉ କରିଥିଲେ। ସେହିପରି କୁଜଙ୍ଗ ରାଜସ୍ୱ ସର୍କଲ ଅଧୀନ ଜାମୁକଣର ଏକ ସରକାରୀ ଜାଗାରୁ ବେଆଇନ ଭାବେ ମେଶିନ ଲଗାଇ ଶହ ଶହ ଟ୍ରିପ ମାଟି ଖୋଳି ବିକ୍ରିକରି ଦିଆଯାଉଥିଲା। ଖବରପାଇ ତହସିଲ ଲେଙ୍କା ଓ କର୍ମଚାରୀ ସେଠାରେ ଚଢ଼ାଉ କରିଥିଲେ। କୌଣସି ସୂତ୍ରରୁ ଏହା ଜାଣିପାରି ଅଭିଯୁକ୍ତମାନେ ଉକ୍ତ ସ୍ଥାନରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଲେଙ୍କା କହିଛନ୍ତି, ଜାମୁକଣର ଏକ ବେସରକାରୀ ଜାଗାରୁ ମାଟି ଉଠାଇବା ପାଇଁ ତହସିଲ ପକ୍ଷରୁ ଅନୁମତି ଦିଆଯିବା ସହ ରୟାଲ୍‌ଟି କଟାଯାଇଛି। ମାତ୍ର ଅଭିଯୁକ୍ତ ଉକ୍ତ ସ୍ଥାନରୁ ମାଟି ନ ଉଠାଇ ଅନ୍ୟ ଏକ ସରକାରୀ ଜାଗାରୁ ମାଟି ଉଠାଉଥିଲେ। ଏନେଇ ସେଠାରେ ଚଢ଼ାଉ କରାଯାଇଥିଲା। କୁଜଙ୍ଗ ରାଜସ୍ୱ ନିରୀକ୍ଷକଙ୍କଠାରୁ ରିପୋର୍ଟ ନେବାପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଶୁଖିଲା ପଡ଼ିଛି, ପାଣି ଛାଡ଼ିବାକୁ ଦାବି

**ପଟ୍ଟାମୁଣ୍ଡାଇ, ୨।୫ (ସ୍ୱ.ପ୍ର.)**



ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଶୁଖିଲା ପଡିଛି।

- ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ
- ପାଣି ଅଭାବରୁ ପନିପରିବା ଚାଷ ନଷ୍ଟ ହେବା ଆଶଙ୍କା

କଟକ ଜିଲା ଜଗତପୁର ମହାନଦୀ ବ୍ୟାରେଜରୁ ବାହାରି ଥିବା ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛାଡ଼ିବାକୁ ଚାଷୀମାନେ ଦାବି କରିଛନ୍ତି। ମୁଖ୍ୟ କେନାଲରେ ପାଣି ନ ଆସିବାରୁ ଶୁଖିଲା ପଡିଛି। ପାଣି ଅଭାବରୁ ମୁଖ୍ୟ କେନାଲରୁ ବାହାରିଥିବା ଶାଖାଗୁଡିକ ମଧ୍ୟ ଶୁଖି ଯାଇଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲକୁ ସଂଯୋଗ କରୁଥିବା ଗୋବରୀ ସମ୍ପ୍ରସାରିତ କେନାଲ ଓ ଏହାର ଶାଖା ନଂ. ୧୬ କେନାଲ, ନଂ. ୨କେନାଲ, କୋରିଆପଲ୍ଲୀ ମାଇନର, ନଂ. ୧୪ କେନାଲ, ନଂ. ୧୫, ତାତନା ମାଇନର ଶୁଖିଲା ପଡିଛି। ପନିପରିବା ଚାଷୀ ଓ ଗୃହପାଳିତ ପ୍ରାଣୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନାଲ କୂଳ ଗ୍ରାମର ଅଧିକାଂଶ ଲୋକ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଶାଖା ଉପରେ ନିର୍ଭର କରି ଚଳିଥାନ୍ତି। କେନାଲଗୁଡିକ ଶୁଖିଲା ପଡିଥିବାରୁ ଚାଷ ସହ ବିଭିନ୍ନ କାର୍ଯ୍ୟରେ ସମସ୍ୟା ଦେଖାଦେଉଛି। ସେହିପରି ଗ୍ରୀଷ୍ମପ୍ରବାହ କାରଣରୁ ଗୋରୁ, ଛେଳିମେଣ୍ଢା ଆଦି ଗୃହପାଳିତ ପ୍ରାଣୀ ପିଇବା ପାଣି ନ ପାଇ ଡହଳ ବିକଳ ହେଉଛନ୍ତି। କେନାଲ କୂଳରେ ଥିବା ଜମିରେ ଚାଷୀମାନେ ପନିପରିବା ଚାଷ କରିଥିବାରୁ ପାଣି ବିନା ମରିଯିବାକୁ ବସିଲାଣି। ଚାଷୀ ଓ ସାମାଜିକ କର୍ମୀମାନେ ତୁରନ୍ତ କେନାଲରେ ପାଣି ଛାଡିବାକୁ ଦାବି କରିଛନ୍ତି।

ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ, ଚାଷୀ ଅଜୟ ନାୟକ, ସୁଶାନ୍ତ ସାମଲ, ପ୍ରଫୁଲ୍ଲ ତରାଇ, ବିଜୟ ଦାସ, ବନମାଳୀ ମହାପାତ୍ର, ଦେବେନ୍ଦ୍ର ପ୍ରଧାନ, ତ୍ରିଲୋଚନ ମଲିକ, ଭ୍ରମରବର ବେହେରା ପ୍ରମୁଖ ଜଳସମ୍ପଦ ବିଭାଗ ୧୫ ଦିନ ମଧ୍ୟରେ କେନାଲରେ ପାଣି ଛାଡିବାକୁ ଦାବି କରିଛନ୍ତି। ସେମାନଙ୍କ କହିବା କଥା, ପଟ୍ଟାମୁଣ୍ଡାଇ ଅଞ୍ଚଳର ଷଣ୍ଢପଲ୍ଲୀ, ଅଳଭା, ଖଡିଅଣ୍ଟା, ଆମ୍ବେର, ଶିମୁଳିଆ, ଅରଡପଲ୍ଲୀ, ଗଙ୍ଗାରାମପୁର, ଗୁଣ୍ଡପୁର, ଛେଦରା, ଅଠରବାଟିଆ, ବେଲତଳ, ତାତନା, ଦକ୍ଷିଣଦିଆ, ବକ୍ତାରପୁର, ଛାଉଣୀ, ମାଟିଆ, କଖାରୁଣୀ, ବାଲିସାହି, ପୋଖରିଆପଡା, ଡିହାପଡା, ନରସିଂହପୁର, ବଡମୂଳବସନ୍ତ, ସେକପୁର, ଗଣ୍ଡକୂଳ, ନପଙ୍ଗ ଆଦି କେନାଲ ଜଳସେଚିତ ଜମିରେ ପନିପରିବା ଚାଷ କରାଯାଇଛି। କେନାଲ ପାଣି ବ୍ୟତୀତ ଅନ୍ୟ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଚାଷୀ କରିଥିବା ପରିବା ଫସଲ ଖରାରେ ଶୁଖି ଯାଇ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଥିବା ଦେଖିବାକୁ ମିଳୁଛି। କରୋନା ମାଡରେ ଲୋକଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଉଚ୍ଚା ଦାମ୍‌ରେ ପନିପରିବା କିଣିବା ମଧ୍ୟ ସମ୍ଭବ ହେଉନାହିଁ। ଏବେ ଖରାଦିନ ହୋଇଥିବାରୁ ଗୃହପାଳିତ ପ୍ରାଣୀଙ୍କୁ ଗୁହାଳ କିମ୍ବା ଗୋଠରେ ବାନ୍ଧି ରଖି ହେଉନାହିଁ। ପାଣି ଅଭାବରୁ ଗୃହପାଳିତ ପ୍ରାଣୀମାନେ ଶୋଷରେ ଆଉଟପାଉଟ ହେଉଛନ୍ତି। କେନାଲରେ ପାଣି ନ ଥିବାରୁ ପ୍ରଚଣ୍ଡ ରୌଦ୍ର ତାପରେ ପୋଖରୀ ଗାଡିଆଗୁଡିକ ମଧ୍ୟ ଶୁଖିଲା ପଡିଛି। ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବାରୁ କୂପ ଓ ନଳକୂପଗୁଡିକର ଜଳସ୍ତର ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଚଳିତବର୍ଷ ଗ୍ରୀଷ୍ମଋତୁ ଆରମ୍ଭରୁ ବିଭିନ୍ନ ସ୍ଥାନରେ ବାରମ୍ବାର ଅଗ୍ନିକାଣ୍ଡ ଯୋଗୁ ବହୁ ଧନଜୀବନ କ୍ଷତି ଘଟାଇଛି। ଅଗ୍ନି ନିର୍ବାପନ ପାଇଁ ପାଣିର ଅଭାବ ଅଗ୍ନିଶମ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ପଟ୍ଟାମୁଣ୍ଡାଇର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଧୋୟାଞ୍ଚଳକୁ ବାଦ୍ ଦେଲେ ଭେଡା ଅଞ୍ଚଳର ୭୦ ଭାଗ ଲୋକ କେନାଲ ପାଣି ଉପରେ ନିର୍ଭର କରି ଚାଷଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଚଳିତବର୍ଷ ଅନ୍ୟବର୍ଷ ତୁଳନାରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇ ରେକର୍ଡ ଭାଙ୍ଗିଛି। ଏ ନେଇ ଜଳସମ୍ପଦ ବିଭାଗର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହେଉଛି।

## ସଂକ୍ଷେପରେ

### ସନ୍ଥ ରାମଲକ୍ଷ୍ମଣ ଦାସଙ୍କ ବ୍ରହ୍ମଲୀନ ମହୋତ୍ସବ



**ଖଣ୍ଡପଡ଼ା,୨।୫ (ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ମଧୁକର୍ଣ୍ଣିକା ପାହାଡ଼ସ୍ଥିତ ଗୋକୁଳାନନ୍ଦ ପୀଠ ପର୍ଯ୍ୟଟନ କ୍ଷେତ୍ରର ପ୍ରତିଷ୍ଠାତା ସ୍ୱାମୀ ରାମଲକ୍ଷ୍ମଣ ଦାସ ମହାରାଜଙ୍କ ଚତୁର୍ଦ୍ଦଶ ବାର୍ଷିକ ବ୍ରହ୍ମଲୀନ ମହୋତ୍ସବ କୋଭିଡ୍ କଟକଣା ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂଜାର୍ଚ୍ଚନା, ସମାଧି ପୂଜା, ସନ୍ଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୌଣସି ଶିଷ୍ୟ, ଶ୍ରଦ୍ଧାଳୁ ଯୋଗଦେଇ ନ ଥିଲେ ।

### ହାଟ,ବଜାର ବନ୍ଦ ଯୋଗୁ ଚିନ୍ତାରେ କ୍ଷୁଦ୍ର ବ୍ୟବସାୟୀ

**ଖଣ୍ଡପଡ଼ା,୨।୫ (ସ୍ୱ.ପ୍ର.):** କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ପ୍ରତି ଶନିବାର ଓ ରବିବାର ସପ୍ତାହାନ୍ତ ବନ୍ଦ ଲାଗୁ କରାଯାଇଛି । ଏଥିପାଇଁ ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେମାନେ ଘରେ ହାତବାନ୍ଧି ବସିଛନ୍ତି। କରୋନା କଟକଣା ସବୁକିଛି ଛଡାଇ ନେଇଛି । ଶତାଧିକ ଉଠା ଦୋକାନୀ ଓ ରାସ୍ତା ପାର୍ଶ୍ୱରେ ଠେଲାଗାଡିରେ ଦହିବରା, ଆଳୁଦମ, ଗୁପ୍‌ଚୁପ ବିକ୍ରି କରୁଥିବା ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ଦିନ ମଜୁରିଆ, ଅଟୋରିକ୍ସା ଚାଳକ, ଟାକ୍ସି ଚାଳକଙ୍କ ସମେତ ବିଭିନ୍ନ ଲୋକେ ଆର୍ଥିକ ଅନଟନର ସମ୍ମୁଖୀନ ହୋଇଛନ୍ତି । ସେହି ବ୍ୟବସାୟୀଙ୍କ ପ୍ରତି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ସହ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି ।

### କନିଷ୍ଠ କିରାଣିଙ୍କ ପରଲୋକ

**ନୟାଗଡ଼ ଅଫିସ,୨।୫:** ନୟାଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟର କନିଷ୍ଠ କିରାଣି ବନମାଳୀ ସିଂ(୪୬)ଙ୍କ ପାକସ୍ଥଳୀ ଜନିତ ରୋଗରେ ଶନିବାର ମୃତ୍ୟୁ ଘଟିଛି । ତାଙ୍କର ଦୀର୍ଘଦିନ ଧରି ପାକସ୍ଥଳୀ ଜନିତ ସମସ୍ୟା ରହିଥିଲା । ଦୁଇଦିନ ତଳେ ଅଫିସ କାମରେ କଟକ ହାଇକୋର୍ଟ ଯାଇଥିବା ବେଳେ ସେଠାରେ ଅସୁସ୍ଥ ଅନୁଭବ କରିଥିଲେ । ଶନିବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ନୟାଗଡ଼ ଦେବୋତ୍ତର କଲୋନୀରେ ରହୁଥିବା ସିଂଙ୍କ ନିଜସ୍ୱ ବାସସ୍ଥାନ ଖଣ୍ଡପଡ଼ା ବ୍ଲକ ଗୁଣ୍ଡୁଣି ପଞ୍ଚାୟତ ଅଧୀନ ଚଣ୍ଡିପ୍ରସାଦ ଗ୍ରାମରେ । ସେଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି ।

# ତାଲିମ, ଉତ୍ପାଦନ କେନ୍ଦ୍ର ପ୍ରଶାସନ ହାତକୁ ଫେରିଲା

## ୯ବର୍ଷ ଧରି ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିଲା

**ଖଣ୍ଡପଡ଼ା,୨।୫ (ସ୍ୱ.ପ୍ର.)**

କଂସା,ପିତଳ ବାସନ ଶିଳ୍ପର ଉତ୍ପାଦନ ବୃଦ୍ଧି ତଥା କାରିଗରମାନଙ୍କ ଉନ୍ନତି ଲକ୍ଷ୍ୟରେ କଣ୍ଟିଲୋରେ ଏକ ତାଲିମ ଓ ଉତ୍ପାଦନ କେନ୍ଦ୍ର(ଟ୍ରେନିଂ କମ୍ ପ୍ରଡକ୍ସନ ସେଣ୍ଟର) ପ୍ରତିଷ୍ଠା ହୋଇଥିଲା । ହେଲେ ସେହି କେନ୍ଦ୍ରକୁ କଣ୍ଟିଲୋର ଏକ ବେସରକାରୀ ସଂସ୍ଥା ଶିଳ୍ପୀଶ୍ରୀ ଅନୁଷ୍ଠାନକୁ ୫ବର୍ଷ ପାଇଁ ଲିଜ୍ ଦିଆଯାଇଥିଲା । ଲିଜ୍ ଅବଧି ଶେଷ ହୋଇଥିଲେ ମଧ୍ୟ ସେହି କେନ୍ଦ୍ର ପ୍ରଶାସନ ହାତକୁ ଆସି ନ ଥିଲା । ଇତିମଧ୍ୟରେ ୯ବର୍ଷ ବିତିଥିଲା। ଶେଷରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ନୟାଗଡ଼ ଜିଲା ଶିଳ୍ପକେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଶଙ୍କର ପ୍ରସାଦ ବିଶ୍ୱାଳ, ଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ଖଣ୍ଡପଡ଼ା ଓ କଣ୍ଟିଲୋ ପୋଲିସଙ୍କ ଉପସ୍ଥିତିରେ ସେହି ଲିଜ୍‌କୁ ବାତିଲ କରାଯାଇଛି । ସେହି କେନ୍ଦ୍ର ଏବେ ଜିଲା ପ୍ରଶାସନ ହାତକୁ ଫେରିଛି । ଏହି କେନ୍ଦ୍ରରେ ନୂତନ ଜ୍ଞାନକୌଶଳରେ ବିଭିନ୍ନ ବଜାର ଉପଯୋଗୀ ହାଲୁକା କଂସା, ପିତଳ ସାମଗ୍ରୀ ଉତ୍ପାଦନ ପାଇଁ ରାଜ୍ୟ ହସ୍ତଶିଳ୍ପ ନିଗମ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ସହକାରୀ ନିର୍ଦ୍ଦେଶକ ବିଶ୍ୱାଳ ସୂଚନା ଦେଇଛନ୍ତି ।



ତାଲିମ କେନ୍ଦ୍ରକୁ ପୋଲିସ ଉପସ୍ଥିତିରେ ଖାଲି କରାଯାଉଛି ।

ସୂଚନାଯୋଗ୍ୟ, ୨୦୦୮ ଏପ୍ରିଲ ୧୬ରେ ଏହି ତାଲିମ କେନ୍ଦ୍ର ଆରମ୍ଭ ହୋଇଥିଲା । ନାବାର୍ଡର ଆର୍ଥିକ ସହାୟତା ଓ ଖଣ୍ଡପଡ଼ା ସ୍ୱେଚ୍ଛାସେବୀ ସମନ୍ୱୟ ସମିତି (କେଏସ୍ଏସ୍ଏସ୍)ର ତତ୍ତ୍ୱାବଧାନରେ ଉକ୍ତ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଥିବା ୬୦ ଜଣ ଯୁବ କାରିଗରଙ୍କୁ ନୂତନ ପ୍ରଣାଳୀରେ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଥିଲା । ଫଳରେ ପୁରାତନ କଂସା, ପିତଳ ବାସନ ଶିଳ୍ପର ଉନ୍ନତି ହେବ ବୋଲି କାରିଗରମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା । ମାତ୍ର ୬୦ ଜଣ ଯୁବ କାରିଗରଙ୍କ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଥିଲେ ମଧ୍ୟ ଉତ୍ପାଦନ କ୍ଷେତ୍ରରେ କୌଣସି ଅଗ୍ରଗତି ହୋଇପାରି ନ ଥିଲା। କେଏସ୍ଏସ୍ଏସ୍‌ର ପରିଚାଳନାଗତ ତ୍ରୁଟିକୁ ଏଥିପାଇଁ ଦାୟୀ କରାଯାଇଥିଲା । କିଛିଦିନ ଚାଲିବା ପରେ ସେହି ଅନୁଷ୍ଠାନଟି ସ୍ଥାଣୁ ପାଲଟି ଯାଇଥିଲା । ଫଳରେ ସଂପୃକ୍ତ କେନ୍ଦ୍ରରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଓ ଆସବାବପତ୍ର ଅକାମୀ ହୋଇପଡିଥିଲା । ବିଦ୍ୟୁତ୍ ଶୁଳ୍କ ପୈଠ ହେଉ ନ ଥିବାରୁ ୩ ଫେଜ୍ ଲାଇନକୁ କାଟି ଦିଆଯାଇଥିଲା । ସମ୍ପୃକ୍ତ ସଂସ୍ଥା ଉକ୍ତ କେନ୍ଦ୍ରକୁ ପରିଚାଳନା କରିବା ପାଇଁ ଆଗ୍ରହ ପ୍ରକାଶ ନ କରିବାରୁ ୨୦୧୧ ଅକ୍ଟୋବର ୧୨ରେ ତତ୍କାଳୀନ ନୟାଗଡ଼ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପର ବିଫଳତା ସମ୍ପର୍କରେ ସମୀକ୍ଷା କରାଯିବା ସହ ସଂପୃକ୍ତ ସଂସ୍ଥାଠାରୁ ଦାୟିତ୍ୱ ପ୍ରତ୍ୟାହାର କରାଯାଇ କଣ୍ଟିଲୋର ବେସରକାରୀ ଅନୁଷ୍ଠାନ ଶିଳ୍ପୀଶ୍ରୀକୁ ୫ବର୍ଷ ପାଇଁ (୨୦୧୨ ଡିସେମ୍ବର ୧୪ରେ) ଲିଜ୍ ଦିଆଯାଇଥିଲା । ଚୁକ୍ତିନାମା ଅନୁଯାୟୀ, ଉକ୍ତ ଅନୁଷ୍ଠାନ ନିର୍ଦ୍ଧାରିତ ମାସିକ ଭଡା ସହ ଅମାନତ ବାବଦରେ ୫୦ ହଜାର ଟଙ୍କା ଜମା କରିବାର ବ୍ୟବସ୍ଥା ରହିଥିଲା । ତେବେ ବିଭିନ୍ନ ସମୟରେ ବନ୍ୟା, ବାତ୍ୟା ଯୋଗୁ ସଂପୃକ୍ତ କେନ୍ଦ୍ରରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ନଷ୍ଟ ହୋଇଯାଇଥିଲା । ଶିଳ୍ପୀଶ୍ରୀ ଅନୁଷ୍ଠାନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଉକ୍ତ କେନ୍ଦ୍ରର ମରାମତି ସହ ରକ୍ଷଣାବେକ୍ଷଣ କରାଯାଇଥିଲା। ପରେ ବରାଦ ଅନୁସାରେ ଉକ୍ତ ଅନୁଷ୍ଠାନ କାରିଗରମାନଙ୍କ ଦ୍ୱାରା ନୂତନ ଜ୍ଞାନକୌଶଳରେ ୧୦ଫୁଟରୁ ଉଚ୍ଚ ମହାତ୍ମା ଗାନ୍ଧୀ, ବାଜପେୟୀ, ବୀର ସୁରେନ୍ଦ୍ର ସାଏ ଓ ବିଭିନ୍ନ ଦେବଦେବୀଙ୍କ ବ୍ରୋଞ୍ଜ ମୂର୍ତ୍ତି ନିର୍ମାଣ କରି ସୁନାମ ଅର୍ଜନ କରିଥିଲା। ହସ୍ତଶିଳ୍ପର ବିକାଶ ଓ ଉନ୍ନତି ଦିଗରେ ପ୍ରୟାସ ଜାରି ରଖିଥିବା ଶିଳ୍ପଶ୍ରୀ ଅନୁଷ୍ଠାନ ଲିଜ୍ ଅବଧି ପରେ ପୁଣି ୪ ବର୍ଷ ସେହି ସଂସ୍ଥା ଚଳାଇଥିଲା । ଏହି ଅନୁଷ୍ଠାନରେ କାର୍ଯ୍ୟରତ କାରିଗରମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ସେମାନଙ୍କୁ ଅନ୍ୟ କେଉଁଠି ଆବଶ୍ୟକ ଜାଗା ପ୍ରଶାସନ ପକ୍ଷରୁ ଯୋଗାଇଦେବାକୁ ଅନୁଷ୍ଠାନର ମୁଖ୍ୟ ସରୋଜ କୁମାର ମହାରଣା ଓ ମାନସ କୁମାର ମହାରଣା ନିବେଦନ କରିଛନ୍ତି ।

### ସାଧାରଣ ରୋଗୀଙ୍କ ମୃତଦେହ ନେଉଛି କୋଭିଡ୍ ଗାଡ଼ି

**ନୟାଗଡ଼ ଅଫିସ,୨।୫**

କୋଭିଡ୍ କାର୍ଯ୍ୟରେ ନିୟୋଜିତ ଗାଡି ଚାଳକ ଟଙ୍କା ପାଇଁ ସାଧାରଣ ରୋଗୀଙ୍କ ମୃତଦେହ ନେଉଛନ୍ତି । ସେଥିପାଇଁ ମୃତଦେହ ଚାଲାଣ ରେଜିଷ୍ଟାରରେ ଭୁଲ ଗାଡି ନମ୍ବର ଲେଖାଯାଉଛି । ଏଭଳି ଅଭିଯୋଗ ପଦାକୁ ଆସିବା ପରେ ତଦନ୍ତ ଦାବି ହୋଇଛି । ଅଭିଯୋଗ ଅନୁସାରେ ଓଡ଼ଗାଁ ବ୍ଲକ କୁରୁମ ବାଙ୍କତରା ଅଞ୍ଚଳର ଜଣେ ମହିଳାଙ୍କ ମୃତଦେହ ନେବା ପାଇଁ ଶନିବାର ରାତିରେ ସ୍ୱର୍ଗରଥ ଖୋଜା ପଡ଼ିଥିଲା । ହେଲେ କୋଭିଡ୍ କାର୍ଯ୍ୟରେ ଲାଗିଥିବା ଏକ ଗାଡିର ଚାଳକ ମୃତଦେହକୁ ନେବା ପାଇଁ ସହମତି ପ୍ରକାଶ କରିଥିଲେ । ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ମୃତଦେହ ଚାଲାଣ ରେଜିଷ୍ଟାରରେ ଓଡି୨୫ କେ ୮୪୮୧ ନମ୍ବର ଗାଡି ନମ୍ବର ଲେଖାଯାଇଥିଲା। ଶେଷରେ କୋଭିଡ୍ ପାଇଁ ନିୟୋଜିତ ଗାଡ଼ିରେ ମୃତଦେହକୁ କୁରୁମ ବାଙ୍କତରା ନିଆଯାଇଥିଲା। ଏନେଇ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ମେଡିକାଲ) ପି.ପି. ସାହୁ ଓ ହସ୍ପିଟାଲ ମ୍ୟାନେଜର ଡି.ବ୍ରଜରାଜ କୁହନ୍ତି, କୋଭିଡ ପାଇଁ ନିୟୋଜିତ ଗାଡ଼ିରେ କେବଳ କୋଭିଡ୍ ରୋଗୀଙ୍କ ମୃତଦେହ ନିଆଯାଇ ପାରିବ । ଯଦି ସେହି ଗାଡ଼ିରେ ସାଧାରଣ ରୋଗୀଙ୍କ ମୃତଦେହକୁ ନିଆଯାଇଥିବା ପ୍ରମାଣ ମିଳେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଶ୍ରୀରାମ ନବମୀ ଉତ୍ସବ ସମ୍ପନ୍ନ

### ଅଭିଷେକ ମହୋତ୍ସବ ଦର୍ଶନ କଲେ ଶ୍ରଦ୍ଧାଳୁ

**ଓଡ଼ଗାଁ,୨।୫ (ସ୍ୱ.ପ୍ର.)**

ଓଡ଼ିଶାର ୨ୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ୧୦ ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରା କରୋନା କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି । ଶ୍ରୀରାମନବମୀ ଅବସରରେ ଶ୍ରୀଜୀଉ ବିଭିନ୍ନ ବେଶରେ ସନ୍ଧ୍ୟା ଦର୍ଶନ ଦେଇଥିଲେ । ଶନିବାର ଥିଲା ଯୁଦ୍ଧ ଯାତ୍ରା ବେଶ । ରବିବାର ସନ୍ଧ୍ୟାରେ ଶ୍ରୀରାମଙ୍କ ରାଜାଭିଷେକ ସହିତ ଶ୍ରୀରାମ ନବମୀ ଯାତ୍ରା ଶେଷ ହୋଇଛି । ପ୍ରଭୁ ୧୪ ବର୍ଷ ବନବାସ ପରେ ଲଙ୍କା ଜୟ କରି ଜଗତ୍‌ଜନନୀ ମା'ଜାନକୀଙ୍କୁ ସଙ୍ଗରେ ଧରି ଅଯୋଧ୍ୟା ଫେରିଛନ୍ତି । ଏଥିପାଇଁ ଘରେ ଘରେ ଆନନ୍ଦ ଉଲ୍ଲାସ ଲାଗି ରହିଛି । ପରମ ମିତ୍ର ସୁଗ୍ରୀବ, ଲଙ୍କପତି ବିଭୀଷଣ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଅଷ୍ଟ ସେନାଧକ୍ଷ ପ୍ରଭୁଙ୍କ ଚତୁଃପାର୍ଶ୍ୱରେ ବିଦ୍ୟମାନ ହୋଇଛନ୍ତି । ଶ୍ରୀଜୀଉମାନେ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ସସୁଜ୍ଜିତ। ସନ୍ଧ୍ୟା ଆଳତୀ ସହିତ ସିଂହଦ୍ୱାରରେ ଅପେକ୍ଷା କରିଥିବା ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଅଭିଷେକ ଉତ୍ସବ ଦର୍ଶନ କରିଛନ୍ତି । ।



ଶ୍ରୀରାମଙ୍କ ଅଭିଷେକ ମହୋତ୍ସବ ବେଶ ।

ବର୍ଷରେ ଗୋଟିଏ ଥର ହେଉଥିବା ଏହି ରାଜାଭିଷେକ ଦର୍ଶନରେ ବହୁ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

**ରାବଣ ପୋଡ଼ି:** ଶ୍ରୀରାମ ନବମୀ ମହୋତ୍ସବ ଅବସରରେ ଯାତ୍ରାର ନବମ ସନ୍ଧ୍ୟାରେ ୨୦ ବର୍ଷ ହେଲା ରାବଣ ପୋଡ଼ି କମିଟି ତରଫରୁ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହେଉଥିଲା । ହେଲେ କରୋନା କଟକଣା ଯୋଗୁ ଚଳିତ ବର୍ଷ ଶନିବାର ବିଳମ୍ବିତ ରାତିରେ ପ୍ରଭୁଙ୍କ ମନ୍ଦିରରେ ଯୁଦ୍ଧଯାତ୍ରା ବେଶ ଦର୍ଶନ ସହିତ ଖଳା ପଡ଼ିଆରେ କମିଟି ଦ୍ୱାରା ଆୟୋଜିତ ପ୍ରତୀକାତ୍ମକ ରାବଣ ପୋଡ଼ି ଅନୁଷ୍ଠିତ ହୋଇଥିଲା ।

# ଆଗେ ଥଇଥାନ,ପରେ ବିସ୍ଥାପନ

**ଗଣିଆ,୨।୫(ଡି.ଏନ.ଏ.)**

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ସାତକୋଶିଆ ଅଞ୍ଚଳକୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ କରିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି । ସାତକୋଶିଆ ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର କାହ୍ନା ଅଭୟାରଣ୍ୟରୁ ମହାବୀର ଓ ବାନ୍ଧବଗଡ଼ ଅଭୟାରଣ୍ୟରୁ ସୁନ୍ଦରୀକୁ ଆଣିଥିଲେ । ହେଲେ କୌଣସି କାରଣରୁ ମହାବଳ ବାଘ ମହାବୀରର ମୃତ୍ୟୁ ହୋଇଥିଲା । ସୁନ୍ଦରୀ ବାଘୁଣୀର ଆକ୍ରମଣକୁ ନେଇ ଅନୁଗୁଳ ଅଞ୍ଚଳରେ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଥିଲା । ୨୦୧୮-୧୯ରେ ସାତକୋଶିଆକୁ ବ୍ୟାଘ୍ର ସଂରକ୍ଷଣାଞ୍ଚଳ କରିବା ପାଇଁ ଅଭୟାରଣ୍ୟର ଅନୁଗୁଳ ଜିଲା ରାଇଗୁଡ଼ା, ବୌଦ୍ଧ ଜିଲାର ମାରଡା, ନୟାଗଡ଼ ଜିଲାର କୁତୁରୀ, ସଳପଗଣ୍ଡା, ମୁସୁଗୁଡା,ବେଦାଡି , କୁମୁରୀ, ତୁଡୁଙ୍ଗି, ଡମାଘାଟି ଆଦି କେତେକ ଆଦିବାସୀ ଗ୍ରାମକୁ ବିସ୍ଥାପନ କରାଯିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନୋଟିସ ଜାରି ହୋଇଛି । ରାଜସ୍ୱ ବିଭାଗ, ପଞ୍ଚାୟତିରାଜ ବିଭାଗ ଓ ବନ୍ୟପ୍ରାଣୀ ବିଭାଗ ତରଫରୁ ପ୍ରତି ଗ୍ରାମରେ ବୈଠକ କରାଯାଇଥିଲା । ବୈଠକରେ ଯୋଗଦେଇଥିବା ସରକାରୀ ପଦାଧିକାରୀମାନେ ବିସ୍ଥାପନ ପ୍ରକ୍ରିୟା ଓ କ୍ଷତିପୂରଣ ସମ୍ପର୍କରେ ଲୋକଙ୍କୁ ବୁଝାଶୁଝା କରିଥିଲେ । ହେଲେ ଲୋକମାନେ ନିଜର ଭିଟାମାଟି ଛାଡି ଅନ୍ୟତ୍ର ଯିବା ପାଇଁ ରାଜି ହୋଇ ନ ଥିଲେ ।

ଗତ କିଛି ଦିନ ତଳେ ସୁନ୍ଦରୀ ବାଘୁଣୀକୁ ବାନ୍ଧବଗଡ଼ ଅଭୟାରଣ୍ୟକୁ ଫେରାଇ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ସାତକୋଶିଆରେ ବାଘ ବଂଶ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ପୁଣିଥରେ ନୟାଗଡ଼ ଜିଲା ବଡଶିଲିଙ୍ଗା ପଞ୍ଚାୟତର କେତେକ ଆଦିବାସୀ ଗ୍ରାମକୁ ବିସ୍ଥାପନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ଖବର ପାଇବା ପରେ ବଡଶିଲିଙ୍ଗା ପଞ୍ଚାୟତର ଡମାଘାଟି, ବେଦାଡି, ତୁଡୁଙ୍ଗି, କୁମୁରୀ, ଜାନକାଝୋଲା ଗ୍ରାମର ଆଦିବାସୀମାନେ ଗତ ଶନିବାର ଜାନକାଝୋଲା ଆମ୍ବତୋଟାରେ ଏକାଠି ହୋଇଥିଲେ । ଉକ୍ତ ବୈଠକରେ ବାଣିଗୋଛା ପୂର୍ବ ବନ୍ୟପ୍ରାଣୀ ବନାଞ୍ଚଳର ଡେପୁଟି ରେଞ୍ଜର ସନ୍ତୋଷ କୁମାର ସାହୁ ଓ ବନବିଭାଗ କର୍ମଚାରୀଙ୍କ ସମେତ ବଡଶିଲିଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ନାୟକ , ସମିତିସଭ୍ୟଙ୍କ ପ୍ରତିନିଧି ରଘୁନାଥ ସାହୁ, ନାଏବ ସରପଞ୍ଚ ବିପ୍ରଚରଣ ମଲିକ ପ୍ରମୁଖ ଯୋଗଦେଇ ବିସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ । ଆଦିବାସୀଙ୍କ ଜଙ୍ଗଲ ଅଧିକାର ଆଇନ ୨୦୦୬, ବିସ୍ଥାପନ ଓ ପୁନଃ ଥଇଥାନ ନୀତି-୨୦୦୫କୁ ଦୃଷ୍ଟିରେ ରଖି ଲୋକଙ୍କ ଜୀବନଜୀବିକା କିଭଳି ସୁରକ୍ଷିତ ହୋଇପାରିବ ସେ ସମ୍ପର୍କରେ ଲୋକମାନେ ନିଜ ମତ ଦେଇଥିଲେ । ପ୍ରଥମେ ସରକାର ଥଇଥାନ, ଜୀବନ ଜୀବିକା କଥା ଚିନ୍ତା କରନ୍ତୁ ଓ ପରେ ବିସ୍ଥାପନ ପାଇଁ ଆମେ ଚିନ୍ତା କରିବୁ ବୋଲି ବୈଠକରେ ଯୋଗଦେଇଥିବା ସଭ୍ୟମାନେ ମତ ଦେଇଥିଲେ । ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି କୁମୁରୀ ଗ୍ରାମର ସୁଧିର ଜାନୀ ଓ ଜାନକାଝୋଲା ଗ୍ରାମର ମାଗୁଣି ପ୍ରଧାନ କହିଛନ୍ତି ।



ବୈଠକରେ ଯୋଗଦେଇଥିବା ଆଦିବାସୀମାନେ ।

## ୧୮୭ କରୋନା ପଜିଟିଭ | ରଣପୁରର ୨ ଗାଁ କଣ୍ଟେନମେଣ୍ଟ ଜୋନ୍

**ନୟାଗଡ଼ ଅଫିସ,୨।୫:** ନୟାଗଡ଼ ଜିଲାରେ କରୋନାର ସ୍ଥିତି ବିଗିଡିବାରେ ଲାଗିଛି । ଶନିବାର ୨୧୮ ଓ ରବିବାର ରିପୋର୍ଟରେ ନୟାଗଡ଼ ଜିଲାରେ ୧୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ୨ ଦିନର ସଂଖ୍ୟାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୨୭ରେ ପହଞ୍ଚିଛି । ରବିବାର ଭାପୁର ବ୍ଲକରେ ୫, ଦଶପଲ୍ଲା ବ୍ଲକରେ ୧୮, ଗଣିଆ ବ୍ଲକରେ ୪, ଖଣ୍ଡପଡା ବ୍ଲକ ୨୦, ନୟାଗଡ଼ ବ୍ଲକରେ ୨୫, ନୂଆଗାଁ ବ୍ଲକ ୧୯ ଓଡ଼ଗାଁ ବ୍ଲକ ୩୭, ରଣପୁର ବ୍ଲକ ୬୧୬, ନୟାଗଡ଼ ପୌରାଞ୍ଚରେ ୪୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନ୍ୟପକ୍ଷେ ରଣପୁର ବ୍ଲକ୍ ଗୋପାଳପୁର ବଣିଆସାହିର ଦକ୍ଷିଣ ପାର୍ଶ୍ୱ ଓ ରଣପୁର ସହରର ୧୦ ନଂ. ୱାର୍ଡ ଗୋଡିପାଟଣା ସାହିର ଉତ୍ତରପାର୍ଶ୍ୱ ଅଞ୍ଚଳକୁ ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ରବିବାର ସନ୍ଧ୍ୟା ୬ଟାରୁ ଉପରୋକ୍ତ ଅଞ୍ଚଳକୁ ରଣପୁର ତହସିଲଦାର ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି ।

# ଭୋକିଲା ପେଟକୁ ଦାନା

**ନୟାଗଡ଼ ଅଫିସ,୨।୫**

- ବାଇକ୍‌ରେ ବୁଲି ବଣ୍ଟାଯାଉଛି ଖାଦ୍ୟ
- ୧୪ମାସ ହେଲା ଜାରିରହିଛି ସେବା

ନୟାଗଡ଼ ସହରରେ ଶତାଧିକ ଅସହାୟ ଲୋକ ଅଛନ୍ତି । ଯେଉଁମାନେ ଭୋକିଲା ପେଟରେ ବୁଲୁଛନ୍ତି । କେହି ବି ସେମାନଙ୍କ କଥା ଥରେ ଚିନ୍ତା କରିନାହାନ୍ତି । ସେମାନେ ଖାଉଛନ୍ତି ନା ଭୋକିଲା ଅଛନ୍ତି ସେ ଖବର କାହା ପାଖରେ ନାହିଁ । ପେଟର ଭୋକ ମେଣ୍ଟାଇବା ପାଇଁ ଅନେକ ଅଇଁଠା ପତ୍ର ଚାଟୁଥିବା ଚିତ୍ର ସାମ୍ନାକୁ ଆସିଛି । ତଥାପି ସରକାରୀସ୍ତରରେ ସେମାନଙ୍କ ପାଇଁ ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷେ କରୋନା ସମୟରେ ଏପରି ମଣିଷମାନେ ସମ୍ପୂର୍ଣ୍ଣ ଭୋକିଲା ରହୁଥିବା ଚିତ୍ର ସାମ୍ନାକୁ ଆସିଛି । ତେବେ ଏପରି ଭୋକିଲା ଲୋକଙ୍କୁ ଖୋଜି ସେମାନଙ୍କୁ ଦାନା ଯୋଗାଇବାକୁ ନୟାଗଡ଼ର ରେଡ୍‌କ୍ରସ ଫୋରମ ଆଗେଇ ଆସିଛି। ବାଇକ୍‌ରେ ବୁଲି ଭୋକିଲା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ପ୍ରାୟ ୧୪ମାସ ହେଲା ଏହି ଅନୁଷ୍ଠାନ ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇ ଆସୁଛି ।

ଏକ ଦୁଃଖଦ ଘଟଣାରୁ ଏହି ଫୋରମର ଜନ୍ମ ହୋଇଛି । ନୟାଗଡ଼ ପୁରୁଣା ସହରର ବିଭୂତି ଭୂଷଣ ପଟ୍ଟନାୟକ(ଟିକୁ) । ନିଜ ପୁଅର ପାଠପଢ଼ା ପାଇଁ ନିଜ ଆୟରୁ ପ୍ରାୟ ୧୫ ହଜାର ଟଙ୍କା ସଞ୍ଚୟ କରି ରଖିଥିଲେ। ଆଶା ଥିଲା ଅସୁମାରୀ। ହେଲେ ପୁଅକୁ ୪ବର୍ଷ ହୋଇଥିବା ବେଳେ ଏକ ହୃଦୟବିଦାରକ ଘଟଣା ଘଟିଲା। ଆଜିକୁ ଅଢ଼େଇ ବର୍ଷ ତଳର କଥା। ସେଦିନ ପୁଅ କଦଳୀ ଖାଉଥିଲା। ହଠାତ୍ ପୁଅର ତଣ୍ଟିରେ କଦଳୀ ଲାଗି ଯାଇଥିଲା । ଯେତେ ଚେଷ୍ଟା କଲେ ମଧ୍ୟ ତଣ୍ଟିରୁ କଦଳୀ ବାହାରି ନ ଥିଲା। ଗୁରୁତର ଅବସ୍ଥାରେ ପୁଅକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁଃଖରେ ଭାଙ୍ଗି ପଡ଼ିଲେ ସାରା ପରିବାର। ଏମିତି କିଛିଦିନ କଟିଗଲା । ପୁଅର ପାଠପଢ଼ା ପାଇଁ ସଞ୍ଚୟ କରାଯାଇଥିବା ଟଙ୍କାକୁ ଅସହାୟ ମଣିଷ ପାଇଁ ସେ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତବର୍ଷ କରୋନା ସମୟରେ ଖାଇବାକୁ ପାଉ ନ ଥିବା ଅସହାୟ ଲୋକଙ୍କ ପାଇଁ ସେହି ଟଙ୍କା ଖର୍ଚ୍ଚ କରିବାକୁ ବିଭୂତି ଅଣ୍ଟା ଭିଡିଥିଲେ। ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ନିଜ ବାଇକ୍ ଘୂରାଇ କିଛି ଅସହାୟ ଲୋକଙ୍କୁ ଚିହ୍ନଟ କଲେ। ପରେ ସେମାନଙ୍କ ପାଇଁ ବାଇକ୍‌ରେ ଖାଦ୍ୟ ନେଇ ଖାଇବାକୁ ଦେଲେ । ରେଡ୍‌କ୍ରସ ଭଲ୍ୟୁଣ୍ଟାରି ଫୋରମ୍‌ର ସଦସ୍ୟମାନଙ୍କ ସହଯୋଗରେ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। କିଛିଦିନ ପରେ ପରିସ୍ଥିତି ଠିକ୍ ହୋଇ ଆସିଲା । ହୋଟେଲ, ବଜାର ଖୋଲିଲା । ଏହା ପରେ ଭଲ୍ୟୁଣ୍ଟାରି ଫୋରମ୍ ଆଉ ଖାଦ୍ୟ ଯୋଗାଇଲା ନାହିଁ। କେବଳ ଶନିବାର,ରବିବାର ଓ ନୟାଗଡ ବଜାର ବନ୍ଦ ରହୁଥିବା ସଂକ୍ରାନ୍ତିରେ ଖାଦ୍ୟ ଯୋଗାଇ ଆସୁଥିଲା । ନୟାଗଡ଼ ସହରର ଘଡୁଆଳଠାରୁ ନୂଆ ବସ୍‌ଷ୍ଟାଣ୍ଡ, ନୟାଗଡ଼ ରେଳ ଷ୍ଟେଶନଠାରୁ ପିଟିଏସ୍ ପର୍ଯ୍ୟନ୍ତ ଖୋଜି ଖୋଜି ଭୋକିଲା ଲୋକଙ୍କୁ ଖାଦ୍ୟ ବଣ୍ଟନ ଚାଲିଛି । ଆଗକୁ ପୁଣି ଲକ୍‌ଡାଉନ ଆସୁଛି। ମେ' ୫ରୁ ୧୯ ସବୁ ଦିନ ଭଲ୍ୟୁଣ୍ଟାରି ଫୋରମ୍ ଭୋକିଲାମାନଙ୍କୁ ଖାଦ୍ୟ ଯୋଗାଇବା ବୋଲି ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷେ ପୁଅର ସଞ୍ଚିତ ଅର୍ଥ ଶେଷ ହେବା ପରେ ଟିକୁ ନିଜର ବ୍ୟବସାୟର ଲାଭ ଟଙ୍କାକୁ ଗରିବ ଲୋକଙ୍କ ପାଇଁ ଖର୍ଚ୍ଚ କରି ଆସୁଛନ୍ତି। ନୟାଗଡ଼ ଟାଉନରେ ଟିକୁଙ୍କ ରହିଛି ଏକ ବିଦ୍ୟୁତ୍‌ଚାଳିତ ସାମଗ୍ରୀ ମରାମତି ଦୋକାନ । ସେଥିରୁ ଯାହା ରୋଜଗାର ହୁଏ ସେଥିରେ ତାଙ୍କ ପରିବାର ଚଳିବା ସହ ଭୋକିଲା ପେଟକୁ ଖାଦ୍ୟ ଯୋଗାଇ ଆସୁଛନ୍ତି। ଏନେଇ ରେଡ୍‌କ୍ରସ ଫୋରମ୍‌ର ସଭ୍ୟ ସନ୍ତୋଷ ଷଡ଼ଙ୍ଗୀ କୁହନ୍ତି, ରେଡ୍‌କ୍ରସ ଫୋରମ୍ ଏକ ଏନ୍‌ଜିଓ ନୁହେଁ । ଏଠାକୁ ମଧ୍ୟ କୌଣସି ସରକାରୀ କି ବେସରକାର ଅନୁଦାନ ଆସୁନି। ଅନୁଷ୍ଠାନରେ ପଦପଦବୀ ନାହିଁ। ସମସ୍ତେ ସଭ୍ୟ । ନିଜ ଅବସର ସମୟରେ ଦୁଃଖୀ ଦରିଦ୍ରଙ୍କ ସେବା କରିବାକୁ ଯିଏ ଆଗ୍ରହୀ ସିଏ ରହି ସେବା କରି ଆସୁଛନ୍ତି । ମୁଁ ଜଣେ ବ୍ୟାଙ୍କ କର୍ମଚାରୀ। ମୋ ଅବସର ସମୟ ମୁଁ ଲୋକଙ୍କ ସେବାରେ ଲଗାଏ । ସଭ୍ୟ ବିଭୂତି ପଟ୍ଟନାୟକ କୁହନ୍ତି, ୩ ବାଇକ୍‌ରେ ୪ଜଣ ସଦସ୍ୟ ଭାତ, ଡାଲମା, ଭଜା/ତରକାରି ନେଇ ନୟାଗଡ଼ ସହର ବୁଲନ୍ତି। ଭୋକିଲା ଲୋକଙ୍କୁ ଚିହ୍ନଟ କରି ଖାଇବାକୁ ଦିଅନ୍ତି। ଏଥିରେ ମୁଖ୍ୟ ଭୂମିକା ଟିକୁ ନେଇଥାନ୍ତି । ଏଥିପାଇଁ ଯାହା ଖର୍ଚ୍ଚ ହୁଏ ପ୍ରାୟ ସବୁ ଅର୍ଥ ସେ ଦେଇଥାନ୍ତି। ଅନ୍ୟ ସଭ୍ୟମାନେ ଏଥିରେ ସହଯୋଗ କରିଥାନ୍ତି।



ଅସହାୟ ଲୋକମାନଙ୍କୁ ଅନୁଷ୍ଠାନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି ।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି । ମାର୍କଶିଟ୍, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ମେ, ୨୦୨୧

## ପ୍ରବଚକ ଚାରଣ ରାମଦାସଙ୍କ ନାଁରେ ଏତଲା

ଗଞ୍ଜାମ,(ଡି.ଏନ.ଏ.): ବୈଦିକ ବ୍ରାହ୍ମଣ ପରିଷଦ ଓଡିଶା ପକ୍ଷରୁ ପ୍ରବଚକ ଚାରଣ ରାମଦାସ (ବାରିକ)ଙ୍କ ବିରୁଦ୍ଧରେ ଗଞ୍ଜାମ ଥାନାରେ ଏତଲା ଦିଆଯାଇଛି। ଏକ ଘରୋଇ ଟିଭି ଚାନେଲରେ ସେ ଭଗବାନ ବିଷ୍ଣୁ ଓ ମହର୍ଷି ନାରଦଙ୍କ ସମ୍ପର୍କରେ ପ୍ରବଚନ ମାଧମରେ ଅପଶବ୍ଦ ପ୍ରୟୋଗ କରିଥିବାରୁ ଏଥିରେ କ୍ଷୁବ୍ଧ ହୋଇ ବୈଦିକ ବ୍ରାହ୍ମଣ ପରିଷଦ ସନାତନ ସଂସ୍କୃତି ଓ ଧର୍ମୀୟ ଭାବନାକୁ ଆଘାତ କରିଥିବା ପ୍ରବଚକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ବନୋଜ ଶତପଥୀ, ଜଗନ୍ନାଥ ନନ୍ଦ, ମନୋଜ ଶତପଥୀ, ଆଦିତ୍ୟ ନନ୍ଦ, କାଳୁଚରଣ ଶତପଥୀ, ଦୀପକ ପଣ୍ଡା, ନରସିଂହ ମିଶ୍ର ପ୍ରମୁଖ ବୈଦିକ ବ୍ରାହ୍ମଣ ପରିଷଦର ଓଡିଶା ଗଞ୍ଜାମ ଜିଲା ସଂଯୋଜକର ପଣ୍ଡିତ ମାନେ ଅଭିଯୋଗ ପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



### ସଂକ୍ଷେପରେ

## ଅଣ୍ଡିରା କୃଷ୍ଣସାର ମୃଗ ମୃତ



ବୁଗୁଡ଼ା,୨।୫(ଡି.ଏନ.ଏ.): ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କଳମ୍ବ-ଅନ୍ତରପଡ଼ା ରାସ୍ତାରେ ସ୍ଥାନୀୟ ବନ ବିଭାଗ ତରଫରୁ ଏକ ଅଣ୍ଡିରା କୃଷ୍ଣସାର ମୃଗର ମୃତଦେହକୁ ଉଦ୍ଧାର କରାଯାଇଛି। ଲଢ଼େଇରେ ଉକ୍ତ ୫ ବର୍ଷର କୃଷ୍ଣସାର ମୃଗର ମୃତ୍ୟୁ ହୋଇଛି ବୋଲି ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି। ସୂଚନାନୁଯାୟୀ, ଏହି ବିରଳ ମୃଗ ଦଳ ବିଭିନ୍ନ ଭାବରେ ବିଭକ୍ତ ହେଉଥିବା ବେଳେ ପ୍ରତି ଦଳରେ କେବଳ ଗୋଟିଏ ଅଣ୍ଡିରା କୃଷ୍ଣସାର ମୃଗ ଦଳପତି ହିସାବରେ ରହନ୍ତି। କୌଣସି ପ୍ରକାର ଗୋଟିଏ ଦଳରେ ୨ଟି ଦଳପତି ରହିପାରନ୍ତି ନାହିଁ। ଦଳରେ ୨ ଜଣ ଦଳପତି ରହିଲେ ସେମାନଙ୍କ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହିଭଳି ଏକ ଦୃଶ୍ୟ ବନାଞ୍ଚଳରେ ଦେଖିବାକୁ ମିଳିଛି। ଗୋଟିଏ ଦଳରେ ୨ଟି ଅଣ୍ଡିରା କୃଷ୍ଣସାର ମୃଗ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥିବା ବେଳେ ଜଣଙ୍କର ମୁନିଆଁ ଶିଙ୍ଗ ପଶି ଅନ୍ୟ କୃଷ୍ଣସାର ମୃଗର ମୃତ୍ୟୁ ଘଟିଥିଲା।

## ଅଫ୍‌ଲାଇନ୍‌ରେ ପିଡିଏସ୍ ସାମଗ୍ରୀ ଦେବାକୁ ଦାବି

ଖଜୁରିପଡ଼ା/ବଲସକୁମ୍ପା, ୨।୫ (ଡି.ଏନ.ଏ.): ପିଡିଏସ୍ ସାମଗ୍ରୀ ଅଫ୍‌ଲାଇନ୍ ମାଧ୍ୟମରେ ଯୋଗାଇଦେବା ପାଇଁ ଶୁକ୍ରବାର ଯୋଗାଣ ସହାୟକ ସଂଘ କନ୍ଧମାଳ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଛି। କରୋନା ମହାମାରୀର ସଂକ୍ରମଣ ରୋକିବା ପାଇଁ ଏହିଭଳି ନିଷ୍ପତ୍ତି ନେବାକୁ ଅଭିଯୋଗରେ ଦର୍ଶାଯାଇଛି। ଦୀର୍ଘ ୮ବର୍ଷ କାଳ ସାଧାରଣ ବଣ୍ଟନ ବ୍ୟବସ୍ଥା ସୁଚାରୁରୂପେ ହୋଇଆସୁଥିଲା। ବର୍ତ୍ତମାନ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଆଧାର କିମ୍ବା ଆଇଆର୍/ଆଇଏସ ଦ୍ୱାରା ପିଡିଏସ୍ ସାମଗ୍ରୀ ଚାଉଳ, ଗହମ, କିରୋସିନ ବଣ୍ଟନ କଲେ ସଂକ୍ରମଣ ବଢ଼ିପାରେ। କାରଣ ଗୋଟିଏ ଇପିଓଏସ୍ ମେଶିନ ଦ୍ୱାରା ସମସ୍ତ ହିତାଧିକାରୀଙ୍କ ଆଖି ଓ ଅଙ୍ଗୁଳି ସ୍କାନ ହେଉଥିବା ଯୋଗୁ ହିତାଧିକାରୀମାନେ ସଂକ୍ରମଣ ହେବାର ଆଶଙ୍କା ରହିଛି। ତେଣୁ ଅନ୍‌ଲାଇନ୍‌କୁ ଛାଡି ଅଫ୍‌ଲାଇନ୍ ଦ୍ୱାରା ପିଡିଏସ୍ ସାମଗ୍ରୀ ବଣ୍ଟନ କରିବା ପାଇଁ ସଂଘର ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ଦେହୁରୀ, ସଦସ୍ୟ ଭୀମସେନ ଗଣ୍ଡା, ଅରୁଣ କହଁର, ନୟନୀ ମଲିକ, ଅର୍ଜୁନ ସାହାଣୀ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବେଙ୍ଗାଲୁରରୁ ଟ୍ରେନ୍‌ରେ ଫେରୁଥିବା ପ୍ରବାସୀ ମୃତ

ଗଞ୍ଜାମ,୨।୫(ଡି.ଏନ.ଏ.): ବାଙ୍ଗାଲୋରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ସ୍ତ୍ରୀ ଓ ପୁଅ ସମ୍ମୁଖରେ ଜଣେ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଏନ୍‌ଏସି ଦାମୋଦରପୁର ଗ୍ରାମର ନିରଞ୍ଜନ ବେହେରା (୪୩)। ନିରଞ୍ଜନ ଦୀର୍ଘ ୮ ବର୍ଷ ହେଲା ବାଙ୍ଗାଲୋରର କୌଣସି ଏକ କମ୍ପାନୀରେ ସିକ୍ୟୁରିଟି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଶ୍ୱଶୁରଙ୍କ ଦେହାନ୍ତ ଖବର ପାଇ ଯଶବନ୍ତପୁର-ହାୱଡା ଟ୍ରେନରେ ସ୍ତ୍ରୀ ଓ ୭ ବର୍ଷର ପୁଅକୁ ନେଇ ନିଜ ଗ୍ରାମକୁ ଫେରୁଥିବା ବେଳେ ସମଲକୋଟା ଷ୍ଟେଶନ ନିକଟରେ ଶନିବାର ରାତି ୨ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଳବାଇ କର୍ତ୍ତୃପକ୍ଷ ସେଠାରେ ମୃତକଙ୍କ ସହ ସ୍ତ୍ରୀ ଓ ପୁଅଙ୍କୁ ଓହ୍ଲାଇ ଦେଇଥିଲା। ଖବର ପାଇ ପରିବାର ଲୋକେ ସମଲକୋଟାରେ ପହଞ୍ଚି ଥିଲେ। କିନ୍ତୁ ଆମ୍ବୁଲାନ୍ସ ସେଠାରୁ ମୃତଦେହ ଆଣିବା ପାଇଁ ୪୦ ହଜାର ଟଙ୍କା ଦାବି କରିବାରୁ ସମଲକୋଟାରେ ହିଁ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବ୍ଲକ ଶିକ୍ଷକ ସଂଘ ସଭାପତିଙ୍କ ପରଲୋକ

କବିସୂର୍ଯ୍ୟନଗର,୨।୫: କବିସୂର୍ଯ୍ୟନଗର ଏନ୍‌ଏସି ୱାର୍ଡ ନଂ ୬ ତଥା ବାଙ୍କିବେହେରା ସାହିର ସନ୍ତୋଷ କୁମାର ସାହୁ(୫୨)ଙ୍କର ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ପ୍ରାକ୍ତନ ବ୍ଲକ ଶିକ୍ଷକ ସଂଘର ସଭାପତି, ଶ୍ରୀମହାମାୟୀ ନାଟ୍ୟ ସଂଘର ପରିଚାଳକ, ରଜକ ସମାଜର ସଭାପତି ରୂପେ କାର୍ଯ୍ୟ କରି ସେ ବହୁ ସୁନାମ ଅର୍ଜନ କରିଛନ୍ତି। ସେ ରାମ୍ଭୁଡ଼ି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ଶିକ୍ଷକ ସମାଜ, ରଜକ ସମାଜ, ରାମ୍ଭୁଡ଼ି ଗ୍ରାମ୍ୟବାସୀ, ଦଣ୍ଡନାଚର କର୍ମକର୍ତ୍ତା ବୃନ୍ଦ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ଜନବସତିକୁ ପଶିଲେ ୧୫ ହାତୀ

ଦିଗପହଣ୍ଡି,୨।୫(ଡି.ଏନ.ଏ.)

### ବିଏଲ୍‌ଏନ୍‌ପୁର ଗାଁରେ ଆତଙ୍କ

- ୨ ବାଇକ ଶୁଣ୍ଢରେ କଚାଡି ଦଳିଦେଲେ
- ୬୦ ହଜାର ଟଙ୍କାର ଆମ୍ବ ଖାଇଦେଲେ
- ହାତୀ ଘଉଡ଼ାଇବାକୁ ୧୬ ବନ କର୍ମଚାରୀ ମୁତୟନ

ଦିଗପହଣ୍ଡି ବନାଞ୍ଚଳକୁ ପୁଣି ଲେଉଟିଲେ ୧୫ ହାତୀ। ରବିବାର ସକାଳେ ହାତୀପଲ ଚିକିଟି ବ୍ଲକ ନୂଆପଡ଼ା ଗ୍ରାମ ସ୍ଥିତ କଲେଜ ପରିସର ପରେ ବାହୁଦା ନଦୀ ଅତିକ୍ରମ କରି ଚୌଧୁରୀ ଟିକରପଡ଼ା ଗାଁ ନଦୀ ପଠାରେ ପହଞ୍ଚିଥିଲେ। ପରେ ହାତୀ ପଲ ଦିଗପହଣ୍ଡି ବ୍ଲକ ଗୌଡ଼ ଗାଁ ନିକଟ ଏକ ଆମ୍ବ ତୋଟାରେ ପଶି ବ୍ୟାପକ ଆମ୍ବ ଗଛ ନଷ୍ଟ କରିବା ସହ ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ଆମ୍ବ ଖାଇଦେଇ ଥିବା ଜଣାପଡିଛି। ହାତୀ ପଲରେ ୨ ଦନ୍ତା, ୪ ଛୁଆ ଏବଂ ୯ ମାଈ ହାତୀ ଥିବା ନୂଆପଡ଼ା ବନବିଭାଗ ବିଟ ଦାୟିତ୍ୱରେ ଥିବା ବନପାଳ ସନ୍ତୋଷ କୁମାର ମଲ୍ଲିକ କହିଛନ୍ତି।

ହାତୀପଲ ସକାଳ ପ୍ରାୟ ୯ ଟାରେ ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ଗାଁ ନିକଟ ଜନବସତି ମଧ୍ୟକୁ ପଶି ଆସିଥିଲେ। ରାସ୍ତା କଡ଼ରେ ଥିବା ଗ୍ରାମର ରଞ୍ଜନ ଦାଶ ଓ ସନ୍ତୋଷ କୁମାର ସାହୁଙ୍କ ୨ବାଇକ୍‌କୁ ଶୁଣ୍ଢରେ କଚାଡି ଦେବାସହ ପାଦରେ ଦଳି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି।



ଜନବସତିକୁ ପଶି ଆସିଥିବା ହାତୀପଲ।

ହାତୀପଲ ଗ୍ରାମର ବିଶନାଥ ସାହୁଙ୍କ ଆମ୍ବତୋଟାରେ ପଶି ବହୁ ଆମ୍ବ ଗଛ ଗୁଡ଼ିକର ଡାଳ ଭାଙ୍ଗି ବ୍ୟାପକ ଆମ୍ବ ଫସଲ ନଷ୍ଟ କରିଥିଲେ ବୋଲି ବିଶନାଥ ଅଭିଯୋଗ କରିଛନ୍ତି। ସକାଳୁ ଦିନସାରା ହାତୀପଲ ରାଇପୁର ଗାଁ ପାହାଡ ସଂଲଗ୍ନ ଏକ ଆମ୍ବ ତୋଟାରେ ଅବସ୍ଥାନ କରିଥିଲେ। ସନ୍ଧ୍ୟାରେ ପୁଣିଥରେ ୨ ଘଣ୍ଟା ବ୍ୟାପୀ ଆମ୍ବ ତୋଟାରେ ବ୍ୟାପକ ଉପଦ୍ରବ କରିବା ପରେ ପାହାଡ ତଳକୁ ଖସି ପୁଣି ବିଏଲଏନପୁର ଗାଁ ଅଭିମୁଖେ ହାତୀପଲ ଆସିବାରୁ ହାତୀ ଘଉଡ଼ାଇବା କାର୍ଯ୍ୟରେ ୨ ଜଣ ବନ ପାଳ, ୩ ବନରକ୍ଷୀ, ତାଲିମପ୍ରାପ୍ତ ୨ ଜଣ ଏଲିଫେଣ୍ଟ ଟ୍ରାକରଙ୍କ ସମେତ ୨୯ ଜଣ ପାରା ବନ କର୍ମଚାରୀ ନିୟୋଜିତ ଥିବା ଦିଗପହଣ୍ଡି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ ଜଣାଇଛନ୍ତି। ହାତୀ ଚଳପ୍ରଚଳ ହେଉଥିବା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ କରିବାକୁ ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ସମସ୍ତ ପ୍ରକାର ସହଯୋଗ କରୁଥିବା ସେ କହିଛନ୍ତି। ପ୍ରକାଶ ଯେ, ପ୍ରତିବର୍ଷ ନଭେମ୍ବର ମାସରୁ ଏହି ହାତୀପଲ ଘୁମୁସର ସଂରକ୍ଷିତ ଜଙ୍ଗଲରୁ ଆସି ଦିଗପହଣ୍ଡି ବନାଞ୍ଚଳ ଇଲାକାର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଗୁଡ଼ିକରେ ଆସ୍ଥାନ ଜମାଇ ପୁଣି ଜାନୁଆରୀ ମାସ ଶେଷ ସୁଦ୍ଧା ଭଞ୍ଜନଗର ନିକଟ ଘୁମୁସର ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଫେରିଯାଉଥିଲେ। କିନ୍ତୁ ଚଳିତ ବର୍ଷ ଆବଶ୍ୟକ ବର୍ଷା ଅଭାବରୁ ଜଙ୍ଗଲ ମଧ୍ୟରେ ପାଣିର ଘୋର ଅଭାବ ସାଙ୍ଗକୁ ଧାନ ଫସଲ ଡେରିରେ ହେବାରୁ ଏହି ହାତୀପଲ ଘୁମୁସର ଜଙ୍ଗଲ ମଧ୍ୟକୁ ଫେରି ନଯାଇ ସେମାନଙ୍କ ବିତ୍ପାତ ଚଳାଇଥିବା ଜଣାପଡ଼ିଛି।

## ଗଛଡାଳ ପଡ଼ି ଜଣେ ମୃତ



ଭାଙ୍ଗିପଡ଼ିଥିବା ଗଛକୁ ଅଗ୍ନିଶମ କର୍ମଚାରୀମାନେ କାଟୁଛନ୍ତି।

ଦଶପଲ୍ଲା,୨।୫ (ଡି.ଏନ.ଏ.)

### ଝଡ଼ ବର୍ଷା, ରାସ୍ତା ଅବରୋଧ

ଝଡ଼ବର୍ଷା ବେଳେ ଜଣେ ବୃଦ୍ଧଙ୍କ ଉପରେ ଗଛ ଡ଼ାଳ ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ରବିବାର ଅପରାହ୍ଣରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଦଶପଲ୍ଲା ବ୍ଲକ୍ ଡିହଗାଁ ପଞ୍ଚାୟତ ଖଇର ପଙ୍କାଳସାହି ଗ୍ରାମର ଉଦୟନାଥ ବେହେରା (୬୫)। ସେ କୌଣସି କାମରେ ବାହାରକୁ ଯାଇଥିଲା। ହଠାତ୍ ଝଡ଼ବର୍ଷା ହେବାରୁ ସେ ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ହେଲେ ସେହି ଗଛର ଡାଳ ଭାଙ୍ଗି ଉଦୟନାଥଙ୍କ ଉପରେ ପଡିଥିଲା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କ ମୃତ୍ୟୁ ଘଟି ସାରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନୁରୂପ ଭାବେ ଖମାରସାହି–ପଦ୍ମପୁର ରାସ୍ତାରେ ଏକ ବଡ ଗଛ ଡାଳ ଭାଙ୍ଗି ପଡ଼ିବାରୁ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଫଳରେ ସେହି ରାସ୍ତାରେ ଯାନବାହାନ ଚଳା ଚଳ ବନ୍ଦ ରହିଥିଲା। ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀମାନେ ଡାଳ କାଟିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## କରୋନା ଆକ୍ରାନ୍ତ ଶିକ୍ଷକ, କୃଷି କର୍ମଚାରୀଙ୍କ ମୃତ୍ୟୁ

ଦିଗପହଣ୍ଡି,୨।୫(ଡି.ଏନ୍.ଏ.)

ଦିଗପହଣ୍ଡିରେ ରହୁଥିବା ବୋରିପଦର ଗ୍ରାମ ନୋଡାଲ ହାଇସ୍କୁଲର ସଂସ୍କୃତ ଶିକ୍ଷକ ରଞ୍ଜିତ କୁମାର କଅଁର ଏବଂ ସ୍ଥାନୀୟ ଗ୍ରାମ୍ୟ କୃଷି କ୍ଷେତ୍ର କର୍ମଚାରୀ (କୃଷି ଗ୍ରାମସେବକ) ସୂର୍ଯ୍ୟ ନାରାୟଣ ବାଉରି ଓରଫ ରବିଙ୍କ ଶନିବାର କରୋନାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। କନ୍ଧମାଳ ଜିଲା ଟିକାବାଲିର ରଞ୍ଜିତ ଦିଗପହଣ୍ଡିର ଏକ ଭଡାଘରେ ରହୁଥିଲେ। ଗତ ଶୁକ୍ରବାର ସେ ହାଇସ୍କୁଲରେ କାମ କରୁଥିବା ବେଳେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ଶନିବାର ନିଜ ଗାଁ ଟିକାବାଲି ଫେରି ଚିକିତ୍ସିତ ହେଉଥିଲେ। ଅପରାହ୍ଣରେ ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଦିଗପହଣ୍ଡି ବ୍ଲକ ଶିକ୍ଷା ବିଭାଗ ଏବଂ ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଗଞ୍ଜାମ ଜିଲା କମିଟି ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି। ସେହିପରି ଗ୍ରାମ୍ୟ କୃଷି କର୍ମଚାରୀ ସୂର୍ଯ୍ୟନାରାୟଣଙ୍କ ପୈତୃକ ଘର ଗୁଣପୁର ହୋଇଥିବା ବେଳେ ସେ ଦିଗପହଣ୍ଡି ପୁଞ୍ଜିକଁିଆ ଛକ ନିକଟ ପୋଡ଼ାମାରି ରାସ୍ତାରେ ଥିବା ଏକ କଲୋନୀରେ ଭଡାଘରେ ପରିବାର ସହ ରହୁଥିଲେ। ସେ ଜ୍ୱରରେ ପୀଡିତ ହେବାରୁ ୩ ଦିନ ତଳେ ଗାଁକୁ ଯାଇଥିଲେ। ସେଠାକାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ସୂର୍ଯ୍ୟନାରାୟଣ ଖରିଫ ଋତୁରେ କୃଷି ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଚାଷଜମିରେ ଧାନ ଏବଂ ଅଣଧାନ ଫସଲ ଚାଷର ଟାର୍ଗେଟ ପୂରଣ ପାଇଁ ନିୟମିତ ଭାବେ ବିଭିନ୍ନ ଗ୍ରାମକୁ ଗସ୍ତ କରି ଚାଷୀମାନଙ୍କୁ ସଚେତନ କରୁଥିଲେ। ତେଣୁ ରାଜ୍ୟ ସରକାର ତୁରନ୍ତ ଗ୍ରାମ୍ୟ କୃଷି କ୍ଷେତ୍ର କର୍ମଚାରୀମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦେବାକୁ ରାଜ୍ୟ କୃଷି କର୍ମଚାରୀ ସଂଘ ଗଞ୍ଜାମ ଜିଲା ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

## ବନ୍ଧୁକ ଦେଖାଇ ହୋମ୍‌ଗାର୍ଡଙ୍କୁ ଧମକ, ଜଣେ ଗିରଫ

ଫୁଲବାଣୀ ଅଫିସ, ୨।୫

ଫୁଲବାଣୀ ଟାଉନ ଥାନାର ଜଣେ ହୋମଗାର୍ଡଙ୍କ ମୁଣ୍ଡରେ ମାଉଜର ଲଗାଇ ଧମକ ଦେବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଶଗଡିଆ ସାହିର କାହ୍ନୁ ଚରଣ ନାୟକ। ହୋମଗାର୍ଡ ଜଣକ ବାଇକ୍‌ରେ ଦୃତିପଡା ଗ୍ରାମରୁ ସହର ଅଭିମୁଖେ ଆସୁଥିଲେ। ବାଟରେ ପରିସ୍ରା ଲାଗିବାରୁ ଗାଡି ଅଟକାଇ ଥିଲେ। ଏହି ସମୟରେ କାହ୍ନୁ ଏବଂ ଅନ୍ୟ ଜଣେ ଯୁବକ ଆସି ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ପରେ କାହ୍ନୁ ପକେଟରୁ ମାଉଜର କାଢ଼ି ହୋମଗାର୍ଡଙ୍କ ମୁଣ୍ଡରେ ଲଗାଇଥିଲେ। ଏହା ଦେଖି ଅନ୍ୟ ସହଯୋଗୀ ସେଠାରୁ ଖସି ପଳାଇଥିଲେ। ହୋମଗାର୍ଡ ତୁରନ୍ତ ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏଫସିଆଇ ଛକ ଆଗକୁ ଯାଇ କାହ୍ନୁଙ୍କୁ କାବୁ କରିବା ସହ ତାଙ୍କଠାରୁ ମାଉଜର ଓ ୫ ଗୁଳି ଜବତ କରିଥିଲା। କାହ୍ନୁ ମାଉଜର କେଉଁଠୁ ଆଣିଲେ ତାର ଖୋଳତାଡ ପୋଲିସ କରୁଛି। ଏ ନେଇ ନଂ.୭୦/୨୧ରେ ମାମଲା ରୁଜୁ ହୋଇଛି।

## ୪୫ ୟୁନିଟ୍ ରକ୍ତ ସଂଗ୍ରହ

ନୟାଗଡ଼ ଅଫିସ,୨।୫

ନୟାଗଡ଼ ସଦର ବ୍ଲକ୍ ଇଟାମାଟି ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ନୟାଗଡ଼ ବ୍ଲକ୍ ଛାତ୍ର ବିଜେଡି ସଭାପତି ସାଇ ଶୁଭମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଇଟାମାଟି ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଅଶୋକ ନାୟକ ଉଦ୍‌ଘାଟନ କରିଥିଲେ। ସମାଜିକ କର୍ମୀ ଭାଗୀରଥି ବାଇ ଓ ଦାମୋଦର ସାହୁ, ମୋ ପରିବାର ଜୀବନ ବିନ୍ଦୁର ଜିଲା ସଂଯୋଜକ ଗୁରୁ ପ୍ରସାଦ ଜେନା, ବିଜେଡି ବ୍ଲକ ସଭାପତି ଦୁର୍ଯ୍ୟୋଧନ ବେହେରା, ବରିଷ୍ଠ ନେତା ଶ୍ରବଣ ରାମ, ବଣିକ ସଂଘ ସଭାପତି ଜାନକୀ ବଲ୍ଲଭ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ୧୮ ବର୍ଷରୁ ୪୪ ବର୍ଷର ଯୁବତୀ,ଯୁବକମାନଙ୍କୁ କୋଭିଡ୍ ଟିକା ନେବା ପାଇଁ ସରକାର ଘୋଷଣା କରିଛନ୍ତି। ଟିକା ନେବାର ୩ ମାସ ପର୍ଯ୍ୟନ୍ତ ରକ୍ତଦାନ କରାଯାଇପାରିବ ନେଇ ବୋଲି ଘୋଷଣା କରାଯାଇଛି। ଏହି ସମୟରେ ରକ୍ତର ଅଭାବ ଦୂର ପାଇଁ ଆଗୁଆ ରକ୍ତଦାନ ଶିବର ଆୟୋଜନ କରାଯାଉଛି।

## ନୂଆ ବସ୍‌ଷ୍ଟାଣ୍ଡରେ ଫେବର ବ୍ଲକ୍ ଫ୍ୟାକ୍ଟ୍ରି

ନୟାଗଡ଼ ଅଫିସ,୨।୫

### ମାଗଣା ପାଣି, ବିଦ୍ୟୁତ୍, ଘର ନେଇ ଲାଭରେ ଠିକାଦାର

ନୟାଗଡ଼ ଜିଲା ସଦର ମହକୁମାର ପୁରୁଣାସହରରେ ଥିବା ନୂଆ ବସ୍‌ଷ୍ଟାଣ୍ଡରେ ଚାଲିଛି ଫେବର ବ୍ଲକ ଫ୍ୟାକ୍ଟ୍ରି। ପୁଣି ସେଠାରେ ସିମେଣ୍ଟ ଗୋଦାମ ଚାଲିଛି। ଜଣେ ଠିକାଦାର ୨ବର୍ଷ ହେଲା ସେଠାରେ ଏହି ବ୍ୟବସାୟ ଚଳାଇଛନ୍ତି। ଏଥିପାଇଁ ସେ ନୂଆ ବସଷ୍ଟାଣ୍ଡରୁ ମାଗଣା ବିଦ୍ୟୁତ୍ ଓ ପାଣି ବ୍ୟବହାର କରି ଆସୁଛନ୍ତି। ହେଲେ ନୟାଗଡ଼ ପୌରସଂସ୍ଥା ପାଣି ଓ ବିଦ୍ୟୁତ୍ ପାଇଁ ବିଲ୍ ପଇଠ କରୁଛି। ୨ବର୍ଷ ହେଲା ଏପରି ଫ୍ୟାକ୍ଟ୍ରି ଚାଲି ଆସୁଥିଲେ ମଧ୍ୟ ଏହାକୁ ଉଠା ନ ଯିବା ପଛର କାରଣ ଜଣାପଡିନାହିଁ। ଏନେଇ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା କୁହନ୍ତି, ପୂର୍ତ୍ତ ବିଭାଗର ଠିକାଦାର କିଛି ଦିନ ହେଲା ସେଠାରେ ଫେବର ବ୍ଲକ ତିଆରି କରୁଥିଲେ। ସେହି ଫେବର ବ୍ଲକ୍ ଫ୍ୟାକ୍ଟ୍ରି ବନ୍ଦ ହୋଇଗଲାଣି।



## କଞ୍ଚାମେଣ୍ଡି ପୂର୍ବତନ ସରପଞ୍ଚଙ୍କ ପରଲୋକ

କ.ନୂଆଗାଁ,୨।୫(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡିର ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ସୁଦାମ ନାୟକଙ୍କ ରବିବାର ପରଲୋକ ଘଟିଛି। ସେ କରୋନା ଆକ୍ରାନ୍ତ ହୋଇ ଫୁଲବାଣୀ ଜିଲା ମୁଖ୍ୟ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଯୁଗାପଦର ଓ କ.ନୂଆଗାଁ ବଜାରର ବିଭିନ୍ନ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଅନୁଷ୍ଠାନର ସକ୍ରିୟ କର୍ମକର୍ତ୍ତା ଭାବେ ଜଡ଼ିତ ଥିବା ବେଳେ ଖବର କାଗଜ ପ୍ରତିନିଧି ଭାବେ ନିଷ୍ଠାପର କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇଥିଲେ। ତାଙ୍କ ବିୟୋଗରେ ତହସିଲଦାର ମନୋଜ କୁମାର ଦେବତା, ବିଡିଓ ଶରତ କୁମାର ପାତ୍ର, ଥାନାଧିକାରୀ ଶ୍ରୀନିବାସ ସାମଲଙ୍କ ସମେତ ସରପଞ୍ଚ ସାନିରା ପ୍ରଧାନ, ସାମାଜିକ କର୍ମୀ ପଣ୍ଡିତ କୁମାର ବିଶିମାଝି ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। କରୋନା ଯୋଦ୍ଧା ଘୋଷଣା କରି ସୁଦାମଙ୍କ ପରିବାରକୁ ସହାୟତା ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ସରିଲା ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା

ଆସିକା,୨।୫(ଡି.ଏନ.ଏ.)



ଅସ୍ଥାୟୀ ମଣ୍ଡପରେ ମା'ଖମ୍ବେଶ୍ୱରୀ।

ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ବାର୍ଷିକ ବୈଶାଖୀ ଯାତ୍ରା ରବିବାର ମନ୍ଦିର ବେଢା ଭିତରେ ସମ୍ପନ୍ନ ହୋଇଛି। ଶନିବାର ରାତିରେ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବିଧି ମୁତାବକ ବେଢା ପରିକ୍ରମା କରାଯାଇଥିଲା। ପରେ ବେଢାରେ ଥିବା କଲ୍ୟାଣ ମଣ୍ଡପର ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ବିଜେ କରାଯାଇଥିଲା। ରବିବାର ଦିନତମାମ ସେଠାରେ କେବଳ ପୂଜକଙ୍କ ଗହଣରେ ପୂଜାର୍ଚ୍ଚନା ହୋଇଛି। ସୋମବାର ସକାଳୁ ଠାକୁରାଣୀଙ୍କ ବିଜେ ପ୍ରତିମା ମନ୍ଦିର ମଧ୍ୟକୁ ଫେରିଯିବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଚୈତ୍ର ପୂର୍ଣ୍ଣମାଠାରୁ ପ୍ରାୟ ଏକମାସ ଧରି ପ୍ରତ୍ୟହ ସନ୍ଧ୍ୟାରେ ଠାକୁରାଣୀଙ୍କ ବିଜେ ପ୍ରତିମା ବାଦ୍ୟବାଜଣା ପଟୁଆର ସହ ନଗର ପରିକ୍ରମା କରୁଥିଲେ। ଯାତ୍ରା ପୂର୍ବ ରାତିରେ ବିରାଟ ପଟୁଆରରେ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ଏନଏସି ଅଫିସ ସଂଲଗ୍ନ ମୁଖ୍ୟ ରାସ୍ତାରେ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା ସହ ପାରମ୍ପରିକ ଯାତ୍ରା ହେଉଥିଲା। ତେବେ ଚଳିତ ବର୍ଷ କରୋନା କଟକଣା ଯୋଗୁ ଯାତ୍ରା ବେଢା ମଧ୍ୟରେ ହୋଇଥିବା ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁ ସୂଚନା ଦେଇଛନ୍ତି।

## ଓଏସ୍‌ବିସି ମଦ ଯୋଗାଣରେ ଅନିୟମିତତା

ଗୋପାଳପୁର,୨।୫

ଗୋଳନ୍ଥରା ଥାନା ତୁଲୁ ରୋଡ୍‌ସ୍ଥିତ ଓଡ଼ିଶା ଷ୍ଟେଟ୍ ବେଭରେଜ କର୍ପୋରେଶନ(ଓଏସ୍‌ବିସି)ରୁ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବ୍ରହ୍ମପୁର ସହରର ୧୮୧ଟି ମଦ ଦୋକାନକୁ ମଦ ଯୋଗାଣ ହୋଇଥାଏ। ଉକ୍ତ ଡିପୋରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଖବର ଅନୁସାରେ ଉକ୍ତ ଡିପୋରେ ଦୀର୍ଘବର୍ଷ ହେଲା ଶ୍ରମିକମାନେ କାମ କରୁଥିଲେ ମଧ୍ୟ ଅଧିକାରୀମାନେ ରିଟେଲରଙ୍କଠାରୁ ଲୋଡିଂ ଅନ୍‌ଲୋଡିଂ ବେଳେ ଅଧିକ ଟଙ୍କା ନେଇ ଶ୍ରମିକମାନଙ୍କୁ କମ୍ ପାରିଶ୍ରମିକ ଦେଉଛନ୍ତି। ଏଥିସହ ଉକ୍ତ ଶ୍ରମିକମାନଙ୍କ କୌଣସି ପରିଚୟପତ୍ର ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ। ଅନ୍ୟପଟେ ଉକ୍ତ ଡିପୋଟି ପୂର୍ବାହ୍ଣ ୧୦ଟାରେ ନ ଖୋଲି ପ୍ରାୟ ଅଧଘଣ୍ଟା ବିଳମ୍ବରେ ଖୋଲାଯାଉଥିବା ନେଇ ଅଭିଯୋଗ ହେଉଛି। ଦୋକାନ ମାଲିକମାନେ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦର ଇନ୍‌ଭଏସ୍ ବାହାର କରି ମଦ ଡିପୋରେ ଦେଖାଇବା ପରେ କିଛି ବ୍ରାଣ୍ଡର ମଦ ନ ଥିବା ଜଣାପଡ଼ିଥାଏ। ପୁଣି ସେହି ଇନ୍‌ଭଏସ୍‌କୁ ବାତିଲ କିମ୍ବା ଅନ୍ୟ ବ୍ରାଣ୍ଡର ମଦ ନେବା ପାଇଁ କୁହାଯାଇଥାଏ। ଫଳରେ ମାଲିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଶାଖା ପରିଚାଳକ ପ୍ରଦୀପ ରଞ୍ଜନ ପଟ୍ଟନାୟକଙ୍କୁ ୯୯୩୭୧୬୪୮୪୮ ନମ୍ବରରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ କରି ନ ଥିଲେ।

## ଗଜପତିରେ ୫୧୭ ସକ୍ରିୟ ସଂକ୍ରମିତ

ପାରଳାଖେମୁଣ୍ଡି,୨।୫(ଡି.ଏନ୍.ଏ.)

ଗଜପତି ଜିଲାରେ ଶନିବାର ୫୯୫ ଜଣଙ୍କ କରୋନା ପରୀକ୍ଷା କରାଯାଇଥିବା ବେଳେ ୧୨୦ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବା ରବିବାର ସୂଚନା ଦିଆଯାଇଛି। ପାରଳାଖେମୁଣ୍ଡି ପୌରପାଳିକାର ୧୦ ନମ୍ବର ୱାର୍ଡ ଗୋପୀନି ସାହିରେ ଅଧିକ ସଂଖ୍ୟକ ମାମଲା ଚିହ୍ନଟ ହେବା ପରେ ଉକ୍ତ ସାହିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପାରଳାଖେମୁଣ୍ଡିରୁ ସର୍ବାଧିକ ୬୮ ଜଣ ଅଛନ୍ତି। ଏମାନଙ୍କୁ ମିଶାଇଲେ ଜିଲାରେ ଏ ପର୍ଯ୍ୟନ୍ତ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୪୬୭ରେ ପହଞ୍ଚିଛି। ସେଥିମଧ୍ୟରୁ ୪୯୫୦ ଜଣ କରୋନାରୁ ସୁସ୍ଥ ହୋଇଥିବା ବେଳେ ପ୍ରାୟ ୫୧୭ ସକ୍ରିୟ ରୋଗୀ ଚିକିତ୍ସାଧୀନ ଓ ସଙ୍ଗରୋଧରେ ରହିଛନ୍ତି।

## ଘରେ ପହଞ୍ଚାଉଛି ଅକ୍ସିଜେନ୍ ସିଲିଣ୍ଡର



ସଦସ୍ୟମାନେ ଅକ୍ସିଜେନ ପ୍ରଦାନ କରୁଛନ୍ତି।

ଛତ୍ରପୁର,୨।୫(ଡି.ଏନ୍.ଏ.)

### ମାନବ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ

ଛତ୍ରପୁରର ମାନବ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ସଦସ୍ୟମାନେ ସହରରେ ଗୃହ ସଙ୍ଗରୋଧରେ ରହୁଥିବା କରୋନା ଆକ୍ରାନ୍ତଙ୍କୁ ଅକ୍ସିଜେନ (ଅମ୍ଳଜାନ) ଯୋଗାଉଛନ୍ତି। ଟ୍ରଷ୍ଟର ସଦସ୍ୟମାନଙ୍କ ପାଖରେ ପ୍ରାୟ ୯ ଟି ଅକ୍ସିଜେନ ସିଲିଣ୍ଡର ରହିଛି। ରୋଗୀ ସମ୍ପର୍କୀୟଙ୍କ ଫୋନ୍ ଆସିବା ମାତ୍ରେ ସେମାନଙ୍କ ଘରକୁ ଅକ୍ସିଜେନ ସିଲିଣ୍ଡର ପଠାଯାଉଛି। ଜଣଙ୍କ ବ୍ୟବହାରରେ ଲାଗିବା ପରେ ସିଲିଣ୍ଡରକୁ ସାନିଟାଇଜ କରି ପୁଣି ଅନ୍ୟ ଜଣଙ୍କୁ ଦିଆଯାଉଛି। କରୋନା ଦ୍ୱିତୀୟ ଲହରରେ ଛତ୍ରପୁରରେ ଟ୍ରଷ୍ଟ ପକ୍ଷରୁ ପ୍ରାୟ ୩୦/୪୦ଜଣ ଆକ୍ରାନ୍ତଙ୍କୁ ମାଗଣାରେ ଅକ୍ସିଜେନ ଯୋଗାଇ ଦିଆଯାଇଛି।

## ମୌଳିକ ସୁବିଧାରୁ ବଞ୍ଚିତ ଶାରଳାପଦର ଗ୍ରାମବାସୀ

ପାରଳାଖେମୁଣ୍ଡି,୨।୫(ଡି.ଏନ୍.ଏ.)



ସରକାର ଗରିବ, ଆଦିବାସୀମାନଙ୍କ ପାଇଁ ବିଭିନ୍ନ ଯୋଜନା କରିଥିବା ବେଳେ ଏବେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ମୋହନା ବ୍ଲକ ଶାରଳାପଦର ଗ୍ରାମବାସୀ। ଏଠାରେ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ କୁଲିମଜୁରିଆ ପରିବାର ବାସ କରନ୍ତି। ଉକ୍ତ ଗାଁକୁ ପକ୍କାରାସ୍ତା ନ ଥିବା ବେଳେ ଶୁଦ୍ଧ ପାନୀୟ ଜଳ ମଧ୍ୟ ମିଳୁନାହିଁ। ଅଙ୍ଗନୱାଡି ସୁବିଧାରୁ ମଧ୍ୟ ବଞ୍ଚିତ ଅଛନ୍ତି ଗର୍ଭବତୀ ଓ ଶିଶୁ। ଏ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ନେତା, ମନ୍ତ୍ରୀ। ବର୍ଷାଦିନେ ମାଣ୍ଡିମେରା ଗ୍ରାମ ରାସ୍ତା କାଦୁଅରେ ଭରପୂର ରହୁଥିବା ବେଳେ ରାସ୍ତାରେ ପଡୁଛି ଏକ ନଦୀ। ଜରୁରିକାଳୀନ କ୍ଷେତ୍ରରେ ଶାରଳାପଦର ଗ୍ରାମବାସୀ କୌଣସି ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ବୋହି ମାଣ୍ଡିମେରାଗାଁକୁ ଆଣି ସେଠାରୁ ବସ୍ ଯୋଗେ ବିରିକୁଟ୍ଟି ମେଡିକାଲ ନଚେତ ମୋହନା ମେଡିକାଲକୁ ନେବାକୁ ପଡୁଛି। ଛାତ୍ରୀଛାତ୍ରମାନେ ମଧ୍ୟ ପାଠପଢ଼ିବା ପାଇଁ ୫ କିମି ଚାଲିଚାଲି ଯିବାକୁ ପଡୁଛି। ଗାଁରେ ଥିବା ଏକମାତ୍ର କୂଅ ଭରସା, ତାହା ମଧ୍ୟ ଖରାଦିନେ ଶୁଖି ଯାଉଥିବାରୁ ବହୁ ଲୋକ ଅଧକିଲୋମିଟର ଚାଲି ଚାଲି ଯାଇ ପାହାଡିଆ ଝରଣା ପାଣି ଆଣି ପିଉଛନ୍ତି। ଏହାଦ୍ୱାରା ଲୋକେ ଜ୍ୱର, ଖାସ, ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି।